



କେନ୍ଦ୍ରାପଡ଼ା ସହରର ବିଭିନ୍ନ ସ୍ଥାନରେ ହୋଇଥିବା ଗଜଲକ୍ଷ୍ମୀ ମେଢ଼କୁ ଭସାଣି ଶେଭାଯାତ୍ରାରେ ଶୋଭାଯାତ୍ରାରେ ନିଆଯାଉଛି। ଏହି ଅବସରରେ ଅନୁଷ୍ଠିତ ଲୋକକଳା ଓ ଲୋକନୃତ୍ୟ।








# କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ଭସାଣି
# ମା' ନେଲେ ମେଲାଣି

**କେନ୍ଦ୍ରାପଡା ଅଫିସ,୨୧।୧୦**

କେନ୍ଦ୍ରାପଡା ସହରରେ ମା' ଗଜଲକ୍ଷ୍ମୀଙ୍କ ମେଲଣ ପର୍ବ ସୋମବାର ପୂର୍ବାହ୍ନରେ ସରିଛି। ମା' ଧନଦାତ୍ରୀଙ୍କ ନିକଟରେ ଭୋଗ ଲାଗି ପରେ ଭସାଣି ଯାତ୍ରା ଆରମ୍ଭ ହୋଇଛି। ମେଲଣ ପାଇଁ ସହରରେ ଭିଡ ଲାଗି ରହିଛି। ସହରର ପୁରୁଣା ବସଷ୍ଟାଣ୍ଡରେ ରବିବାର ପୂର୍ବାହ୍ନରୁ ମେଲଣ ଆରମ୍ଭ ହୋଇଥିଲା। ନୂଆ ବସଷ୍ଟାଣ୍ଡ ଗଜଲକ୍ଷ୍ମୀ ଥାନପତି ଭାବେ ପୂର୍ବାହ୍ନ ୧୦ଟାରେ ଆସ୍ଥାନରେ ଆସୀନ ହୋଇଥିଲେ। ତେବେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅନ୍ୟ ମେଢ ମେଲଣ ମଣ୍ଡପକୁ ଆସି ପାରି ନ ଥିଲା। ଏପରି କି ମେଲଣ ଶୋଭାଯାତ୍ରାରେ ଥିବା ୩ଟି ମେଢ ମେଲଣ ପଡିଆରେ ସୋମବାର ସକାଳ ୬ଟା ସୁଦ୍ଧା ସାମିଲ ହୋଇ ପାରି ନଥିଲେ। ମେଲଣ ଅବସରରେ ମାଆଙ୍କୁ ସମୂହ ଭୋଗ ଲାଗି ପୂର୍ବାହ୍ନ ୧୦ଟାରେ ହୋଇଥିଲା। ଅପରପକ୍ଷରେ ଯାତ୍ରୀଙ୍କ ପାଇଁ ଚାନ୍ଦି ମେଢ ଓ ସୁନା ଅଳଙ୍କାରରେ ଭୂଷିତା ମା' ଗଜଲକ୍ଷ୍ମୀ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ। ଚଳିତବର୍ଷ ସହର ମଧ୍ୟରେ ୬୭ଟି ପୂଜା ମଣ୍ଡପରେ ମା' ବିରାଜିତ ହୋଇଥିଲେ। ୨୦ରୁ ଊର୍ଦ୍ଧ୍ୱ ପୂଜାମଣ୍ଡପରେ ମା' ଧନଦାତ୍ରୀ ସୁନା ଓ ରୁପା ଅଳଙ୍କାରରେ ଭୂଷିତ ହୋଇଥିବା ଦେଖିବାକୁ ମିଳିଥିଲା। ଭସାଣି ଶୋଭାଯାତ୍ରାରେ ଲୋକକଳା, ଲୋକନୃତ୍ୟ, ଘଣ୍ଟବାଦନ ସହ ଡିଜେ ସାମିଲ ହୋଇଥିଲା। ସେହିପରି ଆକର୍ଷଣୀୟ ସାଜସଜ୍ଜାରେ ଫାଷ୍ଟଫୁଡ ଦୋକାନରେ ବହୁ ଭିଡ ପରିଲକ୍ଷିତ ହୋଇଥିଲା। ଚଳିତବର୍ଷ ସହର ମଧ୍ୟରେ ମେଲଣରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ସହ ଡିଆଇଜି ଆଶିଷ ସିଂହ ଆଇନଶୃଙ୍ଖଳା ପରିସ୍ଥିତି ସମ୍ଭାଳିଥିଲେ। ଏସପି ନୀତିଶେଖରଙ୍କ ନେତୃତ୍ୱରେ ୨୯ ପ୍ଲାଟୁନ ପୋଲିସ ଫୋର୍ସ, ୩ ଶହ ହୋମଗାର୍ଡ, ୧୦୦ ଜଣ ପୋଲିସ ଅଧିକାରୀ, ୧୫ଜଣ ଇନ୍ସପେକ୍ଟର, ୯ ଜଣ ଡିଏସପି ଓ ୨ ଜଣ ଏଏସପି ସହରରେ ମୁତୟନ ରହିଥିଲେ। ଏଥିସହିତ ଜିଲାପାଳ ସମର୍ଥ ବର୍ମା, ଏଡିଏମ ବସନ୍ତ ରାଉତ, ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କ ସମେତ ଜିଲା ପ୍ରଶାସନର ବହୁ ପଦାଧିକାରୀ ମାଜିଷ୍ଟ୍ରେଟ ଭାବେ ସାମିଲ ହୋଇଥିଲେ। କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଜିଲା ଯୁବ ବିଜେଡି ସଭାପତି ରାଜେଶ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ ପ୍ରମୁଖ ମେଲଣରେ ଯୋଗ ଦେଇ ମାଆଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର
## ୭୪୮ ଅଭିଯୋଗ ପଞ୍ଜୀକୃତ

**ମହାକାଳପଡା, ୨୧।୧୦(ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେକର୍ଡ ସଂଖ୍ୟକ ୭୪୮ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଶିବିରରେ ୪୧ଟି ସାମୂହିକ ଓ ଅନ୍ୟଗୁଡିକ ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ଜିଲାପାଳ ସମର୍ଥ ବର୍ମା ଏଥିରେ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏସବୁ ଅଭିଯୋଗଗୁଡିକର ତୁରନ୍ତ ସମାଧାନ କରିବାକୁ ସେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ମା'ରାମଚଣ୍ଡୀ ମନ୍ଦିର ଜମିର ଜବର ଦଖଲ, ବାହାକୁଦ ମହାନଦୀ ଫେରିଘାଟ ନିଲାମ ସମସ୍ୟା, ଗୁପ୍ତଗିରି ଶାଖା ନଦୀରେ ବେଆଇନ ଭାବେ ଆଡ଼ିବନ୍ଧ ନିର୍ମାଣ କରାଯାଇଥିବା ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏସବୁ ଅଭିଯୋଗକୁ ଗୁରୁତ୍ୱର ସହ ନେବାକୁ ଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଶିବିରରେ ଆବାସ ଯୋଜନା, ପାନୀୟ ଜଳ, ଶୌଚାଳୟ, ରାଶନ କାର୍ଡ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ଅଭିଯୋଗଗୁଡ଼ିକର ଶୁଣାଣି ହୋଇଥିଲା। ଏହି ଅବସରରେ ବରଜ ବାଲିପାଟ ଗ୍ରାମର ନିଖୋଜ ମତ୍ସ୍ୟଜୀବୀ ବାବୁ ସାମଲଙ୍କ ପରିବାରକୁ ୧୦ ହଜାର ଟଙ୍କାର ଚେକ୍ ଜିଲାପାଳ ପ୍ରଦାନ କରିଥିଲେ। ଏଥିସହ ସାମାଜିକ ସୁରକ୍ଷା ଯୋଜନାରେ ୩ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ, ୫ ଜଣଙ୍କୁ ଶ୍ରବଣଯନ୍ତ୍ର, ୨୦ ଜଣଙ୍କୁ ଭତ୍ତା, ୨ ଜଣଙ୍କୁ ଋଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଏସପି ନିତିଶେଖର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ପରିଡା, ସିଡିଏମଓ ଡା. ଉର୍ମିଳା ମିଶ୍ର, ଭାରପ୍ରାପ୍ତ ବିଡିଓ ଇଂ.ମୁରଲୀଧର ଦାଶ, ଅତିରିକ୍ତ ତହସିଲଦାର ଅଜିତ କୁମାର ସାହୁ, ଜିଲା ମଙ୍ଗଳ ଅଧିକାରୀ କାଳନ୍ଦୀଚରଣ ଭୋଇ ଓ ଜିଲା ଶିକ୍ଷା ଅଧିକାରିଣୀ କଳ୍ପନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମୃତଶିଶୁକୁ ବଞ୍ଚାଇବାକୁ ଝଡ଼ାଫୁଙ୍କା

**ପଟ୍ଟାମୁଣ୍ଡାଇ, ୨୧।୧୦ (ସ୍ୱ.ପ୍ର.)**

ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର କରିବା ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ଗାଁ ଗହଳିରେ ସଚେତନତା କାର୍ଯ୍ୟକ୍ରମମାନ କରାଯାଉଛି। ଉନ୍ନତମାନର ଜ୍ଞାନକୌଶଳ ବ୍ୟବହାର ଓ ବିଜ୍ଞାନର ଯଥେଷ୍ଟ ଉନ୍ନତି ସତ୍ତ୍ୱେ ଏବେ ବି ଲୋକଙ୍କ ମନରେ ଅନ୍ଧବିଶ୍ୱାସ ଭରି ରହିଛି। ମୃତ ଶିଶୁପୁତ୍ରକୁ ବଞ୍ଚାଇବା ପାଇଁ ଜଣେ ଗୁଣିଆ ଝଡ଼ାଫୁଙ୍କା କରିଛନ୍ତି। ଏଭଳି ଘଟଣା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରେ ନଜରକୁ ଆସିଛି।

ପଟ୍ଟାମୁଣ୍ଡାଇ ଥାନା ତଥା ଚଉଦକୁଲାଟ ଫାଣ୍ଡିଅଧୀନ ଗାଙ୍ଗପଡା ଗ୍ରାମର ବାବୁରାମ ଯେନାଙ୍କ ପୁଅ ସୁମନ୍ତ (୭) ରବିବାର ରାତିରେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ମା'ବାପା ତାଙ୍କୁ ତୁରନ୍ତ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କଟକସ୍ଥିତ ଶିଶୁଭବନକୁ ସ୍ଥାନାନ୍ତର କରିଦେଇଥିଲେ। ହେଲେ ସେଠାରେ ପହଞ୍ଚିବା ପରେ ଡାକ୍ତର ସୁମନ୍ତଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ସେମାନେ ପୁଅର ମୃତଦେହ ଧରି ଗାଁକୁ ଫେରିବା ପରେ ଝଡ଼ାଫୁଙ୍କା କଲେ ପୁଅ ବଞ୍ଚିବ ବୋଲି ଗ୍ରାମର କେତେଜଣ ବ୍ୟକ୍ତି କହିଥିଲେ। ତେବେ ୨ ଜଣ ଗୁଣିଆ ୨ ଘଣ୍ଟା ଧରି ସୁମନ୍ତଙ୍କ ମୃତଦେହକୁ ଝଡ଼ାଫୁଙ୍କା କରିଥିଲେ। ହେଲେ କିଛି ସୁଫଳ ମିଳିନ ଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ସନ୍ଧ୍ୟାରେ ଗ୍ରାମ ଶ୍ମଶାନରେ ସୁମନ୍ତଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ■ ଔଷଧ ଦୋକାନରେ ନିଆଁ
# ଜଳିଗଲା ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି

**ଆଳି,୨୧।୧୦**

ଆଳି ଚିକିତ୍ସାଳୟ ରାସ୍ତାରେ ଥିବା ଦି କେୟାର ମେଡିସିନ୍ ଷ୍ଟୋରରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। କୌଣସି ଦୁର୍ବୃତ୍ତ ଉଦ୍ଦେଶ୍ୟମୂଳକ ଭାବେ ଏହି ନିଆଁ ଲଗେଇଥିବା ନେଇ ଦୋକାନ ମାଲିକ ମହମ୍ମଦ ନସିମ ଅହମ୍ମଦ ଆଳି ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଗ୍ନିକାଣ୍ଡରେ ତାଙ୍କର ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସମ୍ପତ୍ତି ପୋଡିଯାଇଛି ବୋଲି ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ,ସବୁଦିନପରି ସେ ରାତି ୧୦ ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ପାଖ ଦୋକାନୀ ଦୋକାନରେ ନିଆଁ ଲାଗିଥିବା ନେଇ ସୂଚନା ଦେଇଥିଲେ। ଅହମ୍ମଦ ଦୋକାନରେ ପହଞ୍ଚି ଆଳି ଅଗ୍ନିଶମ ସେବା ସଂସ୍ଥାକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଦୋକାନରେ ଥିବା ସମସ୍ତ ଔଷଧ ଓ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଯାଇଥିଲା। ଗତ ୩ ଦିନ ପୂର୍ବେ ଦୋକାନ ପଛ ପଟରେ ଥିବା କବାଟରେ କୌଣସି ଦୁର୍ବୃତ୍ତ ନିଆଁ ଲଗେଇଥିବାବେଳେ ଏବେ ପୁଣିଥରେ ଦୋକାନରେ ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଯାଇଛି ବୋଲି ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଦାବି କରିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

# ପିଲାଙ୍କ ପ୍ରତିଭା ସୁରଭିତ କରୁଛି 'ସୁରଭି'



**ରାଜନଗର, ୨୧।୧୦(ଡି.ଏନ୍.ଏ.)**

ସହରରେ ପ୍ରତିଭାର ବିକାଶ ପାଇଁ ଢେର୍ ସୁଯୋଗ ରହିଛି। ହେଲେ ଗାଁ ସ୍କୁଲ୍ ପିଲାଙ୍କ ପ୍ରତିଭାକୁ ସୁରଭିତ କରୁଛି 'ସୁରଭି' କାର୍ଯ୍ୟକ୍ରମ। କଣ୍ଡିରା ବାସୁଦେବ ନୋଡାଲ ଉପ୍ରା ବିଦ୍ୟାଳୟ କ୍ଲଷ୍ଟର ପକ୍ଷରୁ ପଦ୍ମନାଭପୁର ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ଏହି ଶିଶୁ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାସୁଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ମହେଶ୍ୱର ରାଉତ ଏହା କହିଛନ୍ତି।

ସିଆର୍‌ସିସି ଦିଲୀପ କୁମାର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଅନାଦି ଚରଣ ଜେନା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଦୀପ୍ତିମୟୀ ବେହେରା, ଜିଲା ପରିଷଦ ସଦସ୍ୟା ସବିତା ସେଠୀ, ଯୁବନେତା ଅମର ରାଉତ, ବାସୁଦେବ ନୋଡାଲ ୟୁପି ସ୍କୁଲ୍ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ଜେନା, ଦାରୁଓରା ପ୍ରାଇମେରୀ ସ୍କୁଲ୍ ପ୍ରଧାନଶିକ୍ଷକ ଅଧର ଚରଣ ଜେନା, ଅଷ୍ଟଶମ୍ଭୁ ନୋଡାଲ ୟୁପିଏସ୍‌ର ସିଆର୍‌ସିସି ସଞ୍ଜୟ ସେଠୀ, ଶିକ୍ଷା କମିଟି ସଭାପତି ପାଣ୍ଡବ ଚରଣ ବିଶ୍ୱାଳ, ପଦ୍ମନାଭପୁର ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ରାଉତ, ସୁଭଦ୍ରା ମଣ୍ଡଳ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସଂସ୍କୃତ ଶିକ୍ଷକ ଗୋପୀନାଥ ଦ୍ୱିବେଦୀ ବେଦପାଠ କରିଥିବାବେଳେ ବରଦାକାନ୍ତ ଜେନା ଅତିଥି ପରିଚୟ ଓ ଶିକ୍ଷକ ଭରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଶିକ୍ଷକ ଭାବେ ଅଜୟ କୁମାର ପଲାଇ ଓ ଶ୍ରେଷ୍ଠ ସ୍କୁଲ୍ ଭାବେ ନୂଆଗାଁ ପ୍ରାଥମିକ ବିଦ୍ୟାଳୟକୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଭାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷା କମିଟି ସଦସ୍ୟାସଦସ୍ୟ ଓ ପଦ୍ମନାଭପୁର ଗ୍ରାମବାସୀ ସହଯୋଗ କରିଥିଲେ।

# ଚାନ୍ଦୋଳରେ ଗଜଲକ୍ଷ୍ମୀ ମେଲଣ

**ଡେରାବିଶ,୨୧।୧୦(ସ୍ୱପ୍ର)**

ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ବଜାରରେ ଚାଲିଥିବା ମା' ଗଜଲକ୍ଷ୍ମୀଙ୍କ ମେଲଣ ଓ ଭସାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ୧୪ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ପୂଜା ପାଉଥିବା ମୃଣ୍ମୟୀ ମୂର୍ତ୍ତି ବିସର୍ଜିତ ହୋଇଛନ୍ତି। ଅପରାହ୍ନ ୫ଟାରେ ସମସ୍ତ ମେଢ଼ ପାରମ୍ପରିକ ବାଦ୍ୟ ଶୋଭାଯାତ୍ରାରେ ଚାନ୍ଦୋଳ ଫାଣ୍ଡିଛକସ୍ଥିତ ମେଲଣ ପଡ଼ିଆ ଅଭିମୁଖେ ବାହାରି ରାତି ୭ଟା ସୁଦ୍ଧା ପହଞ୍ଚିଥିଲେ। ଥାନପତି ମେଢ ପକ୍ଷରୁ ଭୋଗ ଲାଗି କରାଯାଇଥିଲା। ମେଲଣ ଦେଖିବା ପାଇଁ ୨୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ଏଏସ୍‌ପି ଅମିତାଭ ପଟ୍ଟନାୟକ, ସଦର ଥାନା ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ, ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୁଦର୍ଶନ ସାହୁଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ମା'ଙ୍କ ପୂଜା ଓ ମେଲଣ ଶୃଙ୍ଖଳିତ ଭାବେ ସମାପନ ହୋଇଥିବାରୁ ବଜାର କମିଟି ସଭାପତି ନିଶାମଣି ବେହେରା,ସମ୍ପାଦକ ରତ୍ନାକର ନାୟକ, ଶାନ୍ତି କମିଟି ସଭାପତି ପଞ୍ଚାନନ ଶତପଥୀ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଡେରାବିଶ ବ୍ଲକ ଚାନ୍ଦୋଳରେ ଗଜଲକ୍ଷ୍ମୀ ମେଢ଼ ଭସାଣି ଶୋଭାଯାତ୍ରା।




ମାର୍ଶାଘାଇ ବଜାର ସଂଲଗ୍ନ ବନ୍ଧସାହି ପଡ଼ାଠାରେ ମା'ଗଜଲକ୍ଷ୍ମୀଙ୍କ ପୂଜା ମଣ୍ଡପ ନିକଟରେ ହୋଇଥିବା ବାରୁଆଳି।

## ଧର୍ମପରାୟଣା ମହିଳାଙ୍କ ପରଲୋକ

**ମାର୍ଶାଘାଇ, ୨୧।୧୦ (ଡି.ଏନ୍.ଏ.):** ମାର୍ଶାଘାଇ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ମା' ସରସ୍ୱତୀ ପ୍ରଧାନ (୭୫)ଙ୍କ ରବିବାର ଅପରାହ୍ନ ୧ଟା ସମୟରେ ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଖବରପାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡ଼ା, ସରପଞ୍ଚ ଯୁଗଳ କିଶୋର ଦାସ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଗାହାଣ, ଅଧ୍ୟକ୍ଷ ଡ. ଅମୀୟ କୁମାର ଜେନା, ଅଧ୍ୟାପକ ଧୀରେନ ଚୌଧୁରୀ, ଉମେଶ ଦାସ, ଲଳିତ କୁମାର ଦାସ ପ୍ରମୁଖ ତାଙ୍କ ଶେଷଦର୍ଶନ କରିଥିଲେ।

## ସଂକ୍ଷେପରେ

### ଗାନ୍ଧୀ ଶିଶୁ ଉଦ୍ୟାନ ପାଖରେ ମାର୍କେଟ ପ୍ରତିଷ୍ଠା ଦାବି

**ଏରସମା,୨୧।୧୦(ସ୍ୱ.ପ୍ର.):** ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ବଜାରର ବ୍ୟବସାୟୀଙ୍କ ଥଇଥାନ ପାଇଁ ମହାତ୍ମା ଗାନ୍ଧୀ ଉଠା ବ୍ୟବସାୟୀ ସଂଘ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ବସଷ୍ଟାଣ୍ଡ ନିକଟରେ ଥିବା ଗାନ୍ଧୀ ଶିଶୁ ଉଦ୍ୟାନ ପାଖରେ ପ୍ରଶାସନ ପକ୍ଷରୁ ଏକ ଗାନ୍ଧୀ ମାର୍କେଟ ସ୍ଥାପନ କରିବା ପାଇଁ ସେମାନେ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ସହିତ ବ୍ଲକ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସଂଘର ସଭାପତି କେଦାର କୁମାର ରାଉତ, ଦଶରଥ ଖଟୁଆ, କୃତ୍ତିବାସ ଦାସ, ରବୀନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଏହି ମାର୍କେଟ ପ୍ରତିଷ୍ଠା ପାଇଁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଏରସମା ବଜାରରେ ଉଠା ବ୍ୟବସାୟୀମାନେ ଖରାବର୍ଷାରେ ବ୍ୟବସାୟ କରି ଜୀବିକା ନିର୍ବାହ କରୁଛନ୍ତି। ସେମାନେ ସ୍ଥାୟୀ ଘର ଯୋଗାଇଦେବାକୁ ବ୍ଲକ ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ନିକଟରେ ଦାବି କରି ଆସୁଥିଲେ। ମାତ୍ର ସେମାନଙ୍କୁ ଥଇଥାନ କରିବା ତ ଦୂର କଥା, ସେମାନଙ୍କୁ ଉଚ୍ଛେଦ କରିବା ପାଇଁ ନୋଟିସ ଦିଆଯାଇଛି। ଅପରପକ୍ଷରେ ଗାନ୍ଧୀ ଶିଶୁ ଉଦ୍ୟାନ ପାଖରେ ମାର୍କେଟ ହେବା ଭଳି ସ୍ଥାନ ରହିଛି। ସେଥିପାଇଁ ସେହି ସ୍ଥାନରେ ସେମାନଙ୍କୁ ସ୍ଥାୟୀ ଘର ଯୋଗାଇ ଦେଇ ଗାନ୍ଧୀ ମାର୍କେଟ ପ୍ରତିଷ୍ଠା କରିବା ପାଇଁ ଦାବି କରାଯାଇଛି।

### ପୂର୍ବତନ ଗ୍ରାମ ସଭାପତିଙ୍କ ପରଲୋକ

**ଜଗତ୍‌ସିଂହପୁର ଅଫିସ,୨୧।୧୦:** ଢିଙ୍କିଆ ଗ୍ରାମର ପୂର୍ବତନ ସଭାପତି କେଶବ ଚନ୍ଦ୍ର ସ୍ୱାଇଁ (୮୪)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ବିଜେଡି ସାଧାରଣ ସମ୍ପାଦକ ଶାରଦା



ପ୍ରସନ୍ନ ଜେନା, ଢିଙ୍କିଆ ସରପଞ୍ଚ କିଶୋର କୁମାର ପରିଡ଼ା, ପୂର୍ବତନ ସରପଞ୍ଚ ସଲିଳା ନାୟକ, ପୂର୍ବତନ ସମିତିସଭ୍ୟ ପ୍ରକାଶ ଜେନା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱାଇଁ ୨୦୦୬ରୁ ୨୦୧୨ ପର୍ଯ୍ୟନ୍ତ ଢିଙ୍କିଆ ଗ୍ରାମର ସଭାପତି ଥିଲେ। ତାଙ୍କର ସଭାପତିତ୍ୱ ସମୟରେ ଢିଙ୍କିଆ ଅଞ୍ଚଳରେ ପସ୍କୋ ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା। ଶେଷରେ ଆନ୍ଦୋଳନ ସଫଳ ମଧ ହୋଇଥିଲା। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ୪ ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ଧର୍ମପତ୍ନୀ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ।

### କାଳୀପୂଜା ପାଇଁ ପ୍ରସ୍ତୁତି

**ଏରସମା,୨୧।୧୦(ସ୍ୱ.ପ୍ର.):** ଏରସମା କାଳୀପୂଜା ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୂଜା କମିଟି ସଭାପତି ରବୀନ୍ଦ୍ର ମୁଦୁଲିଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ କ୍ଷେତ୍ରବାସୀ ଦାସ, ନିମାଇଁ ଚରଣ ଦାସ, ଅଜୟ କୁମାର ସ୍ୱାଇଁ, ଦିଲୀପ ମୁଦୁଲି, ଶଙ୍କର ଚରଣ ପରିଡା, ଝାଟୁନୀ ମୁଦୁଲି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନିମନ୍ତ୍ରିତ ଅତିଥି, ସାଂସ୍କୃତିକ କାର୍ଯ୍ୟକ୍ରମ, ସମ୍ବର୍ଦ୍ଧିତ ପ୍ରତିଭା ଚୟନ ଆଦି ବିଷୟରେ ଆଲୋଚନା କରାଯାଇ ଏଥିରେ ନିଷ୍ପତ୍ତି ନିଆଯାଇଥିଲା।

### ଚାଷୀମାନେ ଉନ୍ନତ ପ୍ରଣାଳୀ ଆପଣାଇବା ଆବଶ୍ୟକ

**ବାଲିକୁଦା,୨୧।୧୦(ସ୍ୱ.ପ୍ର.):** ଗରାମ ପଞ୍ଚାୟତ କାର୍ଯ୍ୟାଳୟରେ ବାଲିକୁଦା କୃଷି କାର୍ଯ୍ୟାଳୟ ପକ୍ଷରୁ ଜୀବ ନାଶକର ସଠିକ ଓ ନିରାପଦ ବ୍ୟବହାର ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ସରପଞ୍ଚ ଦୀପାରାଣୀ ଜେନା ଅତିଥିଭାବେ ଯୋଗଦେଇ ଚାଷୀମାନଙ୍କ ପାଇଁ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବିଟିଏମ୍ ପ୍ରବାଳକାନ୍ତ ସ୍ୱାଇଁ, ଗ୍ରାମ୍ୟ କୃଷିକର୍ମୀ ସରୋଜକାନ୍ତ ରାୟ, କୃଷକ ସାଥି ପ୍ରଭଞ୍ଜନ ବସ୍ତିଆ ପ୍ରମୁଖ ଯୋଗଦେଇ ଫସଲରେ ବିଭିନ୍ନ ରୋଗପୋକ ଚିହ୍ନଟ, ରୋଗର ଲକ୍ଷଣ, ନିରାକରଣ ଓ ରୋଗପୋକ ଦମନ ଉପରେ ଉପସ୍ଥିତ ଚାଷୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅନନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟରେ ମଧ ଏହି କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ସରପଞ୍ଚ ରମେଶ ପାଇଟାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷକମାନେ ଉନ୍ନତ କୃଷି ପ୍ରଣାଳି ଆପଣାଇବାକୁ ପରାମର୍ଶ ଦେଇଥିଲେ। ବାଲିକୁଦା ସହକାରୀ କୃଷି ଅଧିକାରୀ ସ୍ମୃତିକାନ୍ତ ଜେନା, ମାଛଗାଁ ସହକାରୀ କୃଷି ଅଧିକାରୀ ଯୁଗସ୍ମିତା ପାତ୍ର ଶିବିରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଅପ୍ରୀତିକର ପରିସ୍ଥିତି

# ତଣ୍ଟିଆ ଖାଇ ବିଦାହେଲେ ଅଭିଯୋଗକାରୀ

■ଜିଲାପାଳଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ
■ବହୁବାର ସମସ୍ୟା ଜଣାଇଲେ ମଧ ସମାଧାନ ହେଉନି

**ଜଗତ୍‌ସିଂହପୁର ଅଫିସ,୨୧।୧୦**

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଯୁଗ୍ମ ଜନଅଭିଯୋଗ ଶୁଣାଣି ଚାଲିଥିବାବେଳେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଜଣେ ବ୍ୟକ୍ତି ଜିଲାପାଳଙ୍କ ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ କରିବାରୁ ତାଙ୍କୁ ତଣ୍ଟିଆଖାଇ ବିଦା ହେବାକୁ ପଡ଼ିଛି। ଜିଲାପାଳଙ୍କ ଏଭଳି ଆଚରଣ ତାଙ୍କୁ ବହୁତ କଷ୍ଟ ଦେଇଥିବାବେଳେ ସେ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ହେଲେ ବିରିଡ଼ି ଥାନା ଅଲାଣ୍ଡୋ ମାଣିତ୍ରୀର ପ୍ରମୋଦ କୁମାର ଜେନା।

ଜେନା ଅଭିଯୋଗ କରିଛନ୍ତି ଯେ, ଅଲାଣ୍ଡୋ ହାଟ ବଜାରରେ ପାଖାପାଖି ୫୦ଟି ଦୋକାନ ସରକାରୀ ଜମି ଉପରେ ଥିଲା। ସେଗୁଡ଼ିକ ସବୁ ଭାଙ୍ଗିବା ପାଇଁ ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ କେବଳ ଜେନା ଓ ତାଙ୍କ ୨ ଭାଇଙ୍କ ଦୋକାନ ଭଙ୍ଗାଯାଇଥିଲା। ଅନ୍ୟମାନଙ୍କ ଦୋକାନ ପରବର୍ତ୍ତୀ ସମୟରେ ଭଙ୍ଗାହେବ ବୋଲି କୁହାଯାଇଥିଲେ ସୁଦ୍ଧା ତାହା ସ୍ଥଗିତ ରଖାଯାଇଥିଲା। ତେଣୁ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ହଇରାଣ କରାଯାଇଥିବା ଅଭିଯୋଗ କରି ସେ ପର୍ଯ୍ୟାୟକ୍ରମେ ତହସିଲଦାର, ଜିଲାପାଳ, ଆରଡିସି, ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷକରି ଜିଲାପାଳଙ୍କୁ ସେ ଏକାଧିକବାର ସାକ୍ଷାତ କରି ନ୍ୟାୟଭିକ୍ଷା କରିଥିଲେ। ଜିଲାପାଳ ପ୍ରଥମେ ତାଙ୍କୁ ତୁରନ୍ତ ଘର ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ପରେ ନିରାଶ



ପ୍ରମୋଦ କୁମାର ଜେନା

କରିଥିଲେ। ତେଣୁ ଜେନା ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣିକୁ ଆସିଥିଲେ। କିନ୍ତୁ ସେ ଜିଲାପାଳଙ୍କ ନିକଟରେ ପହଞ୍ଚି କାହିଁକି ତାଙ୍କ ପ୍ରତି ଅନ୍ୟାୟ କରାଯାଉଛି ବୋଲି ପ୍ରଶ୍ନ କରିବା ମାତ୍ରେ ଜିଲାପାଳ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ବିରକ୍ତି ଭାବ ପ୍ରକାଶ କରି ନିଜ ଚୌକିରୁ ଉଠି ଚିତ୍କାର କରିବା ସହ ତୁରନ୍ତ ତାଙ୍କୁ ବାହାର କରିଦେବାକୁ ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ସେଠାରେ ଥିବା ପୋଲିସ କର୍ମଚାରୀମାନେ ଜେନାଙ୍କୁ ତଣ୍ଟିଆ ମାରି ବାହାର କରିଦେଇଥିଲେ। ସୌଭାଗ୍ୟବସତଃ ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ଥିବାରୁ ଜେନାଙ୍କ ଉପରେ ସେଭଳି କିଛି ବଡ଼ଧରଣର ଆକ୍ରମଣ ହୋଇ ନ ଥିଲା। ଏ ସମ୍ପର୍କରେ ସେ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଦୋକାନ ଘର ଭଙ୍ଗାହେଲା ପରଠାରୁ ସେ ଦୟନୀୟ ଜୀବନ ଅତିବାହିତ କରୁଛନ୍ତି। ଏ ପରିସ୍ଥିତିରେ ସରକାର ତଥା ଜିଲା ପ୍ରଶାସନ ସହାୟତାର ହାତ ବଢ଼ାଇବା ପରିବର୍ତ୍ତେ ଜିଲାପାଳ ଦୁର୍ବ୍ୟବହାର କରିବା ତାଙ୍କୁ ଯନ୍ତ୍ରଣା ଦେଇଛି। କେବଳ ସେ ନୁହନ୍ତି, ଅନେକ ଲୋକ ଏକାଧିକବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ପାଉ ନ ଥିବାରୁ ପୁଣି ଆସିଥିବା ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ଜିଲାପାଳଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ୨୮୬ ଅଭିଯୋଗ ପଞ୍ଜୀକୃତ



ଜନଶୁଣାଣିରେ ଲୋକେ ଅଭିଯୋଗ ଜଣାଉଛନ୍ତି।

ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣିରେ ମୋଟ ୨୮୬ ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିରୁ ୨୪୩ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିରେ ଇନ୍ଦିରା ଆବାସ ଓ ବିଜୁ ପକ୍କାଘର ସମ୍ପର୍କିତ ୮୧, ଭତ୍ତା ସମ୍ପର୍କିତ ୨୮, ରାସନ କାର୍ଡ ସମସ୍ୟା ୧୦, ଆଇନ ସହାୟତା ୧୬, ଜମିଜମା ୨୭, ବ୍ୟାଙ୍କ ଋଣ ୩, ଚାକିରି ୬, ଜମି ଅଧିଗ୍ରହଣ ୬, ଜାତୀୟ ପରିବାର କଲ୍ୟାଣ ଯୋଜନା ୨, ହୁଇଲ ଚେୟାର ୨, ଟ୍ରାଇସାଇକେଲ ପ୍ରଦାନ ୧, ଆଶାବାଡ଼ି ୧, ଅନ୍ୟାନ୍ୟ ୫୬ଟି, ଗାଁ ସମସ୍ୟା ସମ୍ପର୍କିତ ୧୨, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇବା ପାଇଁ ୧୯, ରେଡକ୍ରସ୍‌ରୁ ସହାୟତା ପାଇବା ପାଇଁ ୧୨ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ୮ଟି ଅଭିଯୋଗର ତତ୍କାଳ ଫଏସଲା ହୋଇଥିଲା। ପୁରୋହିତପୁର ବାତ୍ୟା ଆଶ୍ରୟସ୍ଥଳୀ ଆରମ୍ଭରୁ ବିପଦସଙ୍କୁଳ ଥିବା ଜଗଦାନନ୍ଦ ବେହେରା ଅଭିଯୋଗ କରିଥିଲେ। ସେ କହିଥିଲେ ଯେ, ୧୯୯୯ ମହାବାତ୍ୟା ପରେ ମହାରାଷ୍ଟ୍ର ସରକାରଙ୍କ ଆର୍ଥିକ ସହାୟତାରେ ପୁରୋହିତପୁର ବିଦ୍ୟାଳୟ ପରିସରରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଥିଲା। କିନ୍ତୁ ନିର୍ମାଣ ସମୟରୁ ହିଁ ତାହା ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହା ପରିସରରେ ଏବେ ମଧ ଛାତ୍ରୀଛାତ୍ର ଅସୁରକ୍ଷିତ ଭାବେ ବସି ଶିକ୍ଷାଲାଭ କରୁଛନ୍ତି। ରେଡକ୍ରସ୍ ପାଣ୍ଠିରୁ ତରିକୁନ୍ଦ ରଣାହାଟର ସୁଧୀର ଦାସ, ଖେରସ ବେଲପୋଖରୀର ମମତା ବାରିକ, ନାଲିବର ଗୋବିନ୍ଦାପୋଖରୀରର ସଞ୍ଜୁକ୍ତା ବେହେରା ପ୍ରମୁଖଙ୍କୁ ଚିକିତ୍ସା ପାଇଁ ୨ ହଜାର ଟଙ୍କା ଲେଖାଏଁ ଦିଆଯାଇଥିଲା। ଶିବିରରେ ଏସ୍‌ପି ପ୍ରକାଶ ଆର୍, ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରେଜକାନ୍ତ ମହାନ୍ତି, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ, ସେସୁ ନିର୍ବାହୀ ଯନ୍ତ୍ରୀ ଜଗଦିଶ ସାହୁ, ଜିଲା ଯୋଗାଣ ଅଧିକାରୀ ଦିଲୀପ ପାତ୍ର, ପୌର ପରିଷଦ ନିର୍ବାହୀ ଯନ୍ତ୍ରୀ ବଳଦେବ ବେହେରା, ଜିଲା ମଙ୍ଗଳ ଅଧିକାରୀ ସତ୍ୟପୀର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ, ଜିଲା ଶ୍ରମ ଅଧିକାରୀ ବାବା ଆନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମାନବ ଶୃଙ୍ଖଳ ପାଇଁ ଚୂନ ଗ୍ରାମରେ ପ୍ରସ୍ତୁତି

**କୁଜଙ୍ଗ,୨୧।୧୦(ସ୍ୱ.ପ୍ର.)**

ଭୂତମୁଣ୍ଡାଇଠାରେ ଏକ ସୁପରସ୍ପେସିଆଲିଟି ହସ୍ପିଟାଲ ଓ ମେଡ଼ିକାଲ କଲେଜ ପ୍ରତିଷ୍ଠା ଦାବିରେ ଆଞ୍ଚଳିକ ସୁରକ୍ଷା ସମିତି ନେତୃତ୍ୱରେ ସ୍ଥାନୀୟ ଲୋକେ ଆନ୍ଦୋଳନ କରିଆସୁଛନ୍ତି। ଏଥିପାଇଁ ଆସନ୍ତା ନଭେମ୍ବର ମାସ ୨୯ ତାରିଖରେ ପ୍ରତୀକାତ୍ମକ ଆନ୍ଦୋଳନ ସ୍ୱରୂପ ବିରାଟ ମାନବ ଶୃଙ୍ଖଳ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ଚୂନ ଗ୍ରାମର ଅଲେଖ ମନ୍ଦିର ନିକଟରେ ଏକ ବୈଠକ କରାଯାଇଛି। ଶହ ଶହ ମହିଳା ଏକତ୍ରିତ ହୋଇ ସମିତିର ଏହି ଏହି ଆନ୍ଦୋଳନକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିସହ ନିଜ ଅଞ୍ଚଳରେ ଉନ୍ନତମାନର ସ୍ୱାସ୍ଥ୍ୟକେନ୍ଦ୍ର ନ ଥିବାରୁ ହେଉଥିବା ଅସୁବିଧାକୁ ନେଇ ବିକ୍ଷୋଦ୍‌ଗାର କରିଥିଲେ। ବିଭିନ୍ନ ଯୁବକ ସଂଘ, ମହିଳା ସମିତି ପ୍ରତିବାଦକୁ ବ୍ୟାପକ କରିବାକୁ ଘୋଷଣା କରିଥିଲେ। ନାରୀନେତ୍ରୀ ସତ୍ୟଭାମା ରାୟଙ୍କ ପୌରୋହିତ୍ୟରେ ହୋଇଥିବା ବୈଠକରେ ସମିତିର ଆବାହକ ରଘୁନାଥ ସାହୁ ଯୋଗଦେଇ ନିଜର ହକ୍ ପାଇଁ ହେବାକୁ ଥିବା ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ସମର୍ଥନ କରିଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନାରୀନେତ୍ରୀ ଦେବବାଳା ମହାପାତ୍ର, ମିନର୍ଭା ପରିଡ଼ା, ସମିତିର ନେତା ପ୍ରକାଶ ତ୍ରିପାଠୀ, ଜାନକୀ ମହାରଥା, ପ୍ରମୋଦ ଜେନା, ସଙ୍ଗୀତା ବେହେରା, ନିରୂପମା ପାଲ, ହେମଲତା ଖଟୁଆ, ସୁଜାତା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ସାହିତ୍ୟକୁ ମାନବବାଦୀ କରିଛି ଗାନ୍ଧୀ ଦର୍ଶନ

**କୁଜଙ୍ଗ,୨୧।୧୦(ସ୍ୱ.ପ୍ର.)**

ସାହିତ୍ୟକୁ ଅଧିକ ମାନବାଦୀ ଓ ବୁଦ୍ଧିମନ୍ତ କରିଛି ଗାନ୍ଧୀ ଦର୍ଶନ। ଗାନ୍ଧୀ ହେଉଛନ୍ତି ଏକମାତ୍ର ଭାରତୀୟ ଯିଏ କି ବିଶ୍ୱକୁ ମାନବତାର ମହନୀୟ ମନ୍ତ୍ରରେ ଅଭିଷିକ୍ତ କରିଛନ୍ତି। ଏହି ମନ୍ତ୍ର ଯୁଗ ଯୁଗ ପାଇଁ ଉତ୍ତର ପିଢିକୁ ଦିଗବାରେଣୀ ପରି ମାର୍ଗଦର୍ଶନ କରିବ ବୋଲି ରବିବାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅଗ୍ରଦୂତ ପକ୍ଷରୁ କୁଜଙ୍ଗ ହନୁମାନ ମନ୍ଦିରରେ ଅନୁଷ୍ଠିତ ସାହିତ୍ୟ ଆସରରେ ମତପ୍ରକାଶ ପାଇଛି। ଅନୁଷ୍ଠାନର ସଭାପତି କବି ପୀତାମ୍ବର ତରାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ବାବୁରାମ ଚୌଧୁରୀ ବିବରଣୀ ପାଠ କରିବା ସହ ଗାନ୍ଧୀ ବିଚାର ସମ୍ପର୍କରେ ଆଲୋଚନା କରିଥିଲେ। ସାହିତ୍ୟରେ ଗାନ୍ଧିବାଦର ପ୍ରଭାବ ସମ୍ପର୍କରେ ଶିକ୍ଷାବିତ୍ ଅନଙ୍ଗ କୁମାର ମହାପାତ୍ର, ବୀରେନ୍ଦ୍ର କୁମାର ବିଶ୍ୱାଳ, ପ୍ରଫୁଲ ମହାପାତ୍ର, ଦ୍ୱୀଜବର ବେହେରା, ନବୀନ ପ୍ରଧାନ, ପଣ୍ଡିତ ଉପେନ୍ଦ୍ର ମିଶ୍ର, ବିଜୟ ମାଝୀ, ଧିରେନ୍ଦ୍ର କୁମାର ସ୍ୱାଇଁ, ଅଧ୍ୟାପକ ଅକ୍ଷୟ କୁମାର ପଲାଇ, ବିଜୟ ଖଟାଇ, ଦୁଷନ୍ତ ମାଝୀ, ହେମନ୍ତ ପାଣିଗ୍ରାହୀ, ଗୋପବନ୍ଧୁ ଓଝା ପ୍ରମୁଖ କହିଥିଲେ। ପରେ ସୁଭଶ୍ରୀ ସାରଦା ପତ୍ରିକାର ସମ୍ପାଦିକା ଗୀତା ଦାସଙ୍କ ସଂଯୋଜନାରେ ଗାନ୍ଧୀ ଶୀର୍ଷକ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ଗୀତା ରାୟ, ନିରଞ୍ଜନ ରାଉତ, ରଞ୍ଜିତା ସାହୁ, ଅଭିମନ୍ୟୁ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ଦାସ, ନିତ୍ୟାନନ୍ଦ ବେହେରା, ଅଧାପକ ପ୍ରତାପ କୁମାର ମହାପାତ୍ର, ଶଙ୍କର ଦାସ, ଜୟକୃଷ୍ଣ ସ୍ୱାଇଁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଦେବ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଗଜଲକ୍ଷ୍ମୀ ପୂଜା ସୁବର୍ଣ୍ଣ ଜୟନ୍ତୀ

**ତିର୍ତ୍ତୋଲ,୨୧।୧୦(ଡି.ଏନ.ଏ.)**

ତିର୍ତ୍ତୋଲ ନେହେରୁ ବଜାର ଗଜଲକ୍ଷ୍ମୀ ପୂଜାର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଛି। ଏଥିରେ କମିଟିର ସଭାପତି ନରହରି ମିଶ୍ର ସଭାପତିତ୍ୱ କରିଥିଲେ। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପାରାଦୀପ ବନ୍ଦରର ମୁଖ୍ୟଯନ୍ତ୍ରୀ ସରତ ଦାଶ, ଶୈଳେନ୍ଦ୍ର ରାୟ, ଦୀପକ ପାଇକରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ବଟକୃଷ୍ଣ ଦାଶ ସଭା ପରିଚାଳନା କରିଥିଲେ। ଅତିଥିଙ୍କୁ କମିଟି ତରଫରୁ ସଭାପତି ମିଶ୍ର ସମ୍ବର୍ଦ୍ଧିତ କରିଥିଲେ।

## ୧୯୮୩ ବ୍ୟାଚ୍‌ର ବନ୍ଧୁମିଳନ

**ତିର୍ତ୍ତୋଲ,୨୧।୧୦(ଡି.ଏନ.ଏ.):** କୋଳର ପଞ୍ଚାୟତ ଜଗନ୍ନାଥ ହାଇସ୍କୁଲର ୧୯୮୩ ବ୍ୟାଚର ଏକ ବନ୍ଧୁମିଳନ ସନ୍ତୋଷୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ସୁରେନ୍ଦ୍ର ମହାପାତ୍ର, ଧିରେନ କୁମାର ସ୍ୱାଇଁ, ପୁଷ୍ପରାଜ ମହାନ୍ତି, ଦିଲୀପ ମିଶ୍ର, ଉଲ୍ଲାସ ମହାନ୍ତି, ଶେଖ ଆଜିମ ଉଦ୍ଦିନ, ପ୍ରଦୀପ ପଟ୍ଟନାୟକ, ଆଲୋକ ସାମଲ, ଅକ୍ଷୟ ଆଚାର୍ଯ୍ୟ, ପ୍ରଭାତ ସାହୁ, ପ୍ରବୀଣ ମହାପାତ୍ର, ପ୍ରକାଶ ବେଉରା, ଅଜିତ ସ୍ୱାଇଁ, ସବିତା ତ୍ରିପାଠୀ, ପୁଷ୍ପଲତା ଜେନା, ନିହାରବାଳା ଦାସ, କାମିନୀ ମହାନ୍ତି, କଳ୍ପନା ପରିଜା, ଝିଲୁପ୍ରଭା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ନାରାୟଣ ବୀରବର ସାମନ୍ତଙ୍କ ଜୟନ୍ତୀ



ନାରାୟଣ ବୀରବର ସାମନ୍ତଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

**ପାରାଦୀପ,୨୧।୧୦(ସ୍ୱ.ପ୍ର.)**

କୁଜଙ୍ଗର ଗାନ୍ଧୀ ତଥା ପାରାଦୀପ ବନ୍ଦର ପ୍ରତିଷ୍ଠାର ଅନ୍ୟତମ ପୁରୋଧା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନାରାୟଣ ବୀରବର ସାମନ୍ତଙ୍କ ୧୧୯ତମ ଜୟନ୍ତୀ ଉତ୍ସବ ସୋମବାର ପାଳିତ ହୋଇଛି। ପାରାଦୀପ ବନ୍ଦର କ୍ଷତିଗ୍ରସ୍ତ ଜମିହରା କୃଷକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଶ୍ରମିକନେତା ତଥା ବିଜେଡି ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ। ପୂର୍ବାହ୍ନରେ ସାମନ୍ତଙ୍କ ବାସଭବନ ଗଡ଼ ରାଜନଅରଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଉଦୟବଟ ଧାମରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଜିରୋ ପଏଣ୍ଟଠାରେ ଆୟୋଜିତ ସ୍ମୃତିସଭାରେ ଚିନ୍ମୟ ଦାସ ଅଧକ୍ଷତା କରିଥିଲେ। କୃଷକ ନେତା ବୈଷ୍ଣବ ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ରଞ୍ଜନ କୁମାର ପଲାଇ, ଦିଲୀପ କୁମାର ବେହେରା, ତ୍ରୈଲୋକ୍ୟନାଥ ସାମନ୍ତରାୟ, ଅଭିରାମ ସାମଲ ପ୍ରମୁଖ ଉପସ୍ଥିତ ରହି ସାମନ୍ତଙ୍କ ଦେଶପ୍ରେମ ଓ ସମାଜସେବା ମନୋଭାବ ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ଧର୍ମପତ୍ନୀ ସ୍ୱାଧୀନ ଭାରତର ପ୍ରଥମ ବିଧାୟିକା ରତ୍ନମାଳି ଜେମାଙ୍କ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ପାରାଦୀପ,୨୧।୧୦(ସ୍ୱ.ପ୍ର.)**

ପାରାଦୀପ ମଡ଼େଲ ଥାନା ଅଧୀନ ମଧୁବନ ଗୋପାଳଜୀଉ କଲୋନୀରେ ସୋମବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଅନିଲ କୁମାର ରାଉଳଙ୍କ ସ୍ତ୍ରୀ ସସ୍ମିତା (୪୮)। କିଛିଦିନ ହେଲା ସେ ମାନସିକ ବିଷାଦ ମଧରେ ଥିଲେ। ସେହି କାରଣରୁ ଘରେ ବେକରେ ଶାଢି ବାନ୍ଧି ସେ ଆତ୍ମହତ୍ୟା କରିଛନ୍ତି ବୋଲି ପରିବାର ଲୋକେ କହିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (୩୧/୧୯) ରୁଜୁ କରିଛି। ସୂଚନାଯୋଗ୍ୟ, ମହିଳା ଜଣଙ୍କ ଘରେ ଯେଉଁ ବାଉଁଶରେ ଶାଢି ବାନ୍ଧି ଝୁଲିଥିଲେ, ତାହା ଭାଙ୍ଗିପଡ଼ିବାରୁ ତାଙ୍କ ମୃତଦେହ ତଳେ ପଡ଼ିରହିଥିଲା। ଏଭଳି ଭାବେ ତାଙ୍କର ମୃତ୍ୟୁ ଘଟିବାକୁ ନେଇ ସାଧାରଣରେ ନାନା କଥା କୁହାଯାଉଛି।

## ବ୍ଲକ୍‌ସ୍ତରୀୟ ଖୋଖୋ ପ୍ରତିଯୋଗିତା




ପ୍ରତିଯୋଗିତା ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି।

**କୁଜଙ୍ଗ,୨୧।୧୦(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍ ପଙ୍କପାଳରେ ବ୍ଲକ୍‌ସ୍ତରୀୟ ଆଥ୍‌ଲେଟିକ ଓ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପଙ୍କପାଳ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ କୁଜଙ୍ଗ ଏବିଓ ମନୋଜ ବେହେରା ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ କଳ୍ପତରୁ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ଲକ୍ କ୍ରୀଡ଼ା ସମ୍ପାଦକ ସଂଘ ସମ୍ପାଦକ ରଶ୍ମୀକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କାଳନ୍ଦୀ ନାଥ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଉଦ୍‌ଯାପନ ସନ୍ଧ୍ୟାରେ କୁଜଙ୍ଗ ବିଇଓ ସୁଦର୍ଶନ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରଶଂସା କରିଥିଲେ। ସଂଘର ବ୍ଲକ୍ ସଭାପତି ପଦ୍ମଚରଣ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ରଞ୍ଜନ ଭୋଇ, ମମତା ମହାନ୍ତି, ଶ୍ରୀକାନ୍ତ ଜେନା, ପ୍ରଦୀପ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**କୁଜଙ୍ଗ,୨୧।୧୦(ସ୍ୱ.ପ୍ର)**

ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଜୋନ୍‌ସ୍ତରୀୟ ସାଙ୍ଗଠନିକ ବୈଠକ ପଙ୍କପାଳ ପଞ୍ଚାୟତ ପହଣା ଗ୍ରାମରେ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଫୁଲ୍ଲ ମହାପାତ୍ର ସଭାପତିତ୍ୱ କରିଥିଲେ। ଓଡିଶା ବରିଷ୍ଠ ନାଗରିକ ମହାସଂଘ ସଙ୍ଗଠନ ସମ୍ପାଦକ ବାବୁରାମ ଚୌଧୁରୀ ଯୋଗଦେଇ ଚକିତ୍ସା ଭତ୍ତା, ସର୍ବନିମ୍ନ ପେନସନ, ୨୦୧୭ରୁ ଉଠାଇ ଦିଆଯାଇଥିବା ସାଧାରଣ ଅଭିଯୋଗ ପେନସନ ବିଭାଗର ପୁନଃ ସ୍ଥାପନ ଆଦି ଦାବି କରିଥିଲେ। ତିର୍ତ୍ତୋଲ ବ୍ଲକ୍ ଆବାହକ ରାଜକିଶୋର ଦାଶ, ରବୀନ୍ଦ୍ରନାଥ ଚୌଧୁରୀ, ଅକ୍ଷୟ ଦାସ, ଅମିୟ କୁମାର ପାଲ, କେଶବ ଚରଣ ଖୁଣ୍ଟିଆ, ବିଷ୍ଣୁ ଚରଣ ମୁଦୁଲୀ, ନାରାୟଣ ବିହାରୀ, ପ୍ରମୋଦ ଦାସ, ପ୍ରହଲ୍ଲାଦ ଚୌଧୁରୀ, ଦିବାକର ସ୍ୱାଇଁ, ନୀରଞ୍ଜନ ନାୟକ, କରୁଣାକର ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

# ଖର୍ଚ୍ଚ ହୋଇପାରୁନି ଫନୀ ଅନୁଦାନ

**ରଘୁନାଥପୁର ବ୍ଲକ**
■ପୁନରୁଦ୍ଧାର କାର୍ଯ୍ୟ ବିଳମ୍ବ
■ଅଢ଼େଇମାସ ହେଲା ପଡ଼ି ରହିଛି ୨ କୋଟି ୩୦ ଲକ୍ଷ
■ବ୍ଲକ ପ୍ରଶାସନ ନୀରବ

**ରଘୁନାଥପୁର, ୨୧।୧୦ (ଡି.ଏନ.ଏ.)**

ବାତ୍ୟାର ସଫଳ ମୁକାବିଲା କରି ରାଜ୍ୟ ସରକାର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ବାତ୍ୟା ଫନୀରେ ମଧ ଏହାର ନିଦର୍ଶନ ଦେଖିବାକୁ ମିଳିଥିଲା। କ୍ଷତିଗ୍ରସ୍ତ ବିଭିନ୍ନ ବ୍ଲକକୁ ଫନୀ ଅନୁଦାନ ଯୋଗାଇ ଦିଆଯାଇଥିଲା। ଏହିକ୍ରମରେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅଞ୍ଚଳରେ ବାତ୍ୟା କ୍ଷୟକ୍ଷତି ଜନିତ ପୁନରୁଦ୍ଧାର କାର୍ଯ୍ୟ ଫେଲ୍ ମାରିଛି। ଆସିଥିବା ଅନୁଦାନ ଅର୍ଥକୁ ଖର୍ଚ୍ଚ ନ କରି ପକାଇ ରଖାଯାଇଛି। ପୁନରୁଦ୍ଧାର କାମ ବିଳମ୍ବ ଯୋଗୁ ଲୋକଙ୍କ ମଧରେ ବ୍ଲକ ପ୍ରଶାସନ ଉପରେ ଆସ୍ଥା ତୁଟିବାରେ ଲାଗିଛି। ଅଢେଇମାସ ହେଲା ରାଜ୍ୟ ସରକାର ବ୍ଲକକୁ ଫନୀ କ୍ଷତିଗ୍ରସ୍ତ ସରକାରୀ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଓ ଅନ୍ୟ ସରକାରୀ ଅନୁଷ୍ଠାନର ମରାମତି ପାଇଁ ୨ କୋଟି ୩୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା। ହେଲେ ଅଦ୍ୟାବଧି କୌଣସି ଗୋଟିଏ ସ୍ଥାନରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇନି। ଫଳରେ ରାଜ୍ୟ ସରକାରଙ୍କ ୫-ଟି ମନ୍ତ୍ର କେବଳ ଘୋଷଣାରେ ହିଁ ରହିଯାଇଥିବାର ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ବିଡିଓ ପଞ୍ଚାନନ ପଟ୍ଟାୟତଙ୍କୁ ପଚାରିବାରେ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି। ଯାହାକୁ ନେଇ ସାଧାରଣରେ ପ୍ରଶାସନିକ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବୁଦ୍ଧିଜୀବୀମାନେ ପ୍ରଶାସନିକ ମୁଖ୍ୟ ଚାପ ଗ୍ରସ୍ତରେ ଥିବା ସମ୍ପର୍କରେ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ଜରୁରିକାଳୀନ ଭିତ୍ତିରେ ଅନୁଦାନ ଯୋଗାଇ ଦେଇଛନ୍ତି। ଯାହାଦ୍ୱାରା କି ବ୍ଲକ ପ୍ରଶାସନ ଏହାକୁ କାର୍ଯ୍ୟ କରାଇବାରେ ଅବହେଳା ପ୍ରଦର୍ଶନ କରି ଆସୁଛି।

ଅନେକ ଶିକ୍ଷାନୁଷ୍ଠାନର ଭଙ୍ଗା ଗୃହରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ତୁରନ୍ତ ଯୋଗାଇ ଦିଆଯାଇଥିବା ଅନୁଦାନ ଅର୍ଥ କାମରେ ଲଗାଇବା ପାଇଁ ଦାବି ହେଉଛି। ଏହା ପ୍ରଶାସନର ପାରିବାପଣିଆକୁ ପଦାରେ ପକାଇଛି, ଯାହାକି ପ୍ରଶାସନର ଅବହେଳା ଓ କାର୍ଯ୍ୟଦକ୍ଷତାର ଅଭାବ ଯୋଗୁ ସରକାର ନିନ୍ଦିତ ହେଉଥିବା ଜନପ୍ରତିନିଧିମାନେ ଅଭିଯୋଗ କରୁଛନ୍ତି। ଗତ ୪ ତାରିଖରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯିବା ନେଇ ଅନେକ ସମିତିସଭ୍ୟାସଭ୍ୟ, ସରପଞ୍ଚ ଆଶା ରଖିଥିଲେ। ହେଲେ ଏକ ମାମୁଲି କଥାକୁ କେନ୍ଦ୍ରକରି ସମିତି ବୈଠକ ଚାଲିପାରି ନ ଥିଲା। ପରବର୍ତ୍ତୀ ସମୟରେ ଏହାକୁ ସ୍ଥଗିତ ରଖାଯାଇଥିଲା। ଏହି ସମୟରେ ଜଗତ୍‌ସିଂହପୁର ଏମ୍‌ପି ଓ ତିର୍ତ୍ତୋଲ ବିଧାୟକ ଉପସ୍ଥିତ ଥାଇ ସୁଦ୍ଧା ସମସ୍ୟାକୁ ସୁଧାରିବା ପାଇଁ ଆନ୍ତରିକତା ପ୍ରକାଶ କରିବା ପରିବର୍ତ୍ତେ ବୈଠକରେ ଚାଲିଥିବା ପାଟିତୁଣ୍ଡ ଦେଖି ସ୍ଥାନ ପରିତ୍ୟାଗ କରଥିଲେ। ଏହା ସରକାରଙ୍କୁ ଅଡୁଆରେ ପକାଇବା ପାଇଁ ଅନେକ ମାତ୍ରାରେ ଖୋରାକ ଯୋଗାଉଛି ବୋଲି ଆଲୋଚନା ହେଉଛି। ଜରୁରିକାଳୀନ ଫନୀ ମରାମତି କାର୍ଯ୍ୟକୁ ଯଥାଶୀଘ୍ର ଆରମ୍ଭ କରାଯିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବି କରାଯାଇଛି। ଏ ସମ୍ପର୍କରେ ପିଡି ଡିଆରଡିଏ ସରୋଜକାନ୍ତ ମହାନ୍ତିଙ୍କୁ ପଚାରିବାରେ ଫନୀ କ୍ଷୟକ୍ଷତି ଜନୀତ ଅର୍ଥ ଖର୍ଚ୍ଚର ହିସାବ ବିଡିଓଙ୍କୁ ମଗା ଯାଇଛି। ଉତ୍ତର ଆସିଲା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୨/୨୦୧୯ Bhubaneswar, Tuesday, October 22/ 2019

### କୋରମ ଅଭାବରୁ କାଟ ଖାଇଲା ଅନାସ୍ଥା ପ୍ରସ୍ତାବ

# ସରପଞ୍ଚ ପଦ ବଜାୟ ରଖିଲେ ରେଣୁବାଳା

**ବିରିଡ଼ି/ବାଲିଆ,୨୧।୧୦ (ଡି.ଏନ.ଏ)**


ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ୍ ଗ୍ରହଣ ପାଇଁ ହୋଇଥିବା ବୈଠକ।

ବିରିଡ଼ି ବ୍ଲକ ବାରଡ଼ିଆ ପଞ୍ଚାୟତର ସରପଞ୍ଚ ରେଣୁବାଳା ପାଳଙ୍କ ବିରୋଧରେ ଆଗତ ଅନସ୍ଥା ପ୍ରସ୍ତାବ ଉପରେ ସୋମବାର ମତଦାନ ହେବାର ଥିଲା। କିନ୍ତୁ ଉପଯୁକ୍ତ କୋରମ ଅଭାବରୁ ଏହି ପ୍ରସ୍ତାବ କାଟ ଖାଇଯାଇଛି। ସୂଚନା ଅନୁଯାୟୀ, ଅନାସ୍ଥା ଭୋଟ୍ ପାଇଁ ନିର୍ଦ୍ଧାରିତ ସମୟରେ ପଞ୍ଚାୟତ କାର୍ଯ୍ୟାଳୟରେ ଜଗତ୍‌ସିଂହପୁର ଉପଜିଲାପାଳଙ୍କ ପ୍ରତିନିଧି ତଥା ନିର୍ବାଚନ ଅଧିକାରୀ ଭାବେ ବିରିଡ଼ି ତହସିଲଦାର ସାଗରିକା ପ୍ରିୟଦର୍ଶିନୀ ଏବଂ ତାଙ୍କ ସହ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପାୟଲ ମହାପାତ୍ର ପହଞ୍ଚିଥିଲେ। ମାତ୍ର ମୋଟ୍ ୧୫ ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୧୦ ଜଣ ଉପସ୍ଥିତ ଥିଲେ। ତେଣୁ ଆବଶ୍ୟକ କୋରମ ଅଭାବରୁ ଅନସ୍ଥା ପ୍ରସ୍ତାବ ଉପରେ ଭୋଟିଂ ହୋଇପାରିଲା ନାହିଁ ବୋଲି ତହସିଲଦାର ଗଣମାଧ୍ୟମକୁ କହିଛନ୍ତି। ବୈଠକରେ କ୍ଷେତ୍ର ମୋହନ ଭୋଇ, ଶଙ୍କରଶ୍ୱେର ବାରିକ, ବିଷ୍ଣୁପ୍ରିୟା ରାୟ, ଚିତ୍ତରଞ୍ଜନ ବେହେରା, ଜୟନ୍ତ କୁମାର ବସ୍ତିଆ ପ୍ରମୁଖ ୫ଜଣ ୱାର୍ଡସଭ୍ୟ ଉପସ୍ଥିତ ନ ଥିଲେ। ଓଡ଼ିଶା ଗ୍ରାମପଞ୍ଚାୟତ ନିୟମ ଅନୁଯାୟୀ ମୋଟ ୱାର୍ଡସଭ୍ୟଙ୍କ ମଧ୍ୟରୁ ଏକ ତୃତୀୟାଂଶରୁ ଅଧିକ ସରପଞ୍ଚଙ୍କ ସପକ୍ଷରେ ରହିଲେ ଅନାସ୍ଥା ପ୍ରସ୍ତାବ କାଟ ଖାଇଯିବ। ସେହିପରି ଦୁଇ ତୃତୀୟାଂଶ ୱାର୍ଡ ସଭ୍ୟ ଅନସ୍ଥା ସପକ୍ଷରେ ରହିଲେ ପ୍ରସ୍ତାବଟି ଗୃହୀତ ହେବ। ଏଭଳି ପରିସ୍ଥିତିରେ ମୋଟ ୧୫ ଜଣ ୱାର୍ଡ ମେମ୍ବରଙ୍କ ସହ ସରପଞ୍ଚ ମଧ୍ୟ ଅନସ୍ଥା ଭୋଟିଂରେ ଅଂଶଗ୍ରହଣ କରିବେ। ତେଣୁ ୧୧ ଜଣ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ ଅନସ୍ଥା ପ୍ରସ୍ତାବ ଉପରେ ଭୋଟିଂ ହୋଇଥାନ୍ତା। କିନ୍ତୁ ୬ଜଣ ଅନୁପସ୍ଥିତ ରହିବା ଦ୍ୱାରା ସରପଞ୍ଚଙ୍କ ସପକ୍ଷରେ ଏକ ତୃତୀୟାଂଶ ସଭ୍ୟ ଥିବା ସ୍ପଷ୍ଟ ହୋଇଥିଲା। ତେଣୁ ଅନାସ୍ଥା ପ୍ରସ୍ତାବ କାଟ ଖାଇବା ପରେ ଆଉ ୧ ବର୍ଷ ପର୍ଯ୍ୟନ୍ତ ଅନସ୍ଥା ଅଣାଯାଇପାରିବ ନାହିଁ ବୋଲି ପଞ୍ଚାୟତ ନିୟମରେ ଉଲ୍ଲେଖ ରହିଛି।

## ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

**ବାଲିକୁଦା,୨୧।୧୦(ସ୍ୱ.ପ୍ର.)**

ନହରଣାସ୍ଥିତ ଉତ୍କଳମଣି ଗୋପବନ୍ଧୁ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହାକୁ ପ୍ରଧାନ ଶିକ୍ଷକ ଦ୍ୱିତୀକୃଷ୍ଣ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରମେଶ ଗୋଚ୍ଛାୟତଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସିଆରସିସି ତପନ ନାୟକ, ନହରଣା ଉପ୍ରା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାଲ୍ମିକୀ ରାଉତ, ନହରଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରୁକ୍ମିଣୀ ମଲ୍ଲିକ, ଲିଙ୍ଗରାଜ ଶତପଥୀ, ବାବୁରାମ ଖୁଣ୍ଟିଆ, ସୁଶାନ୍ତ ଶତପଥୀ, ପ୍ରଶାନ୍ତ ମହାନ୍ତି, କ୍ଷେତ୍ର ମୋହନ ମୁଦୁଲି, ନହରଣା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନୃସିଂହ ନାୟକ, ଜଗବନ୍ଧୁ ମହାନ୍ତି, ନୀଳମଣି ପାଣି ପ୍ରମୁଖ ଯୋଗଦେଇ ଛାତ୍ର ଜୀବନରେ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ବିଆରସିସି ରାଜକିଶୋର ବେହୁରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ଜଟାଧାରୀ ସ୍ୱାଇଁ, ମାଳାରାଣୀ ସିହ୍ନା, ସତ୍ୟାନନ୍ଦ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

## ବେକରେ ଗାମୁଛା ବାନ୍ଧି ନାବାଳିକା ମୃତ

**ପାରାଦୀପ,୨୧।୧୦(ସ୍ୱ.ପ୍ର.)**

ଘରେ ମା'ବାପା ନ ଥିବାବେଳେ ଜଣେ ନାବାଳିକା(୮) ବେକରେ ଗାମୁଛା ଗୁଡ଼ାଇ ଖେଳୁଥିଲେ। ତେବେ ଦୁର୍ଭାଗ୍ୟବସତଃ ଏହି ଗାମୁଛା ଗଣ୍ଠିପଡ଼ି ବେକ ଚାପି ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଏପରି ଏକ ଅଭାବନୀୟ ଘଟଣା ଘଟିଛି ପାରାଦୀପ ମଡେଲ ଥାନା ଅଧୀନ ବୃନ୍ଦାବନ କନୋଲୀନରେ। ସୋମବାର ଅପରାହ୍ନରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଏହି ନାବାଳିକା ଜଣଙ୍କ ଘରେ ଏକାକି ଥିଲେ। ତାଙ୍କ ମା' ସ୍ୱୟଂସହାୟିକା ଗୋଷ୍ଠୀରେ ଥିବାରୁ କିଛି ସମୟ ପାଇଁ ବାହାରକୁ ଯାଇଥିଲେ। ବାପା ମଧ୍ୟ କାମରେ ବାହାରେ ଥିଲେ। ଏହି ସମୟରେ ନାବାଳିକା ଜଣଙ୍କ ବେକରେ ଗାମୁଛା ଗୁଡ଼ାଇ ଖେଳୁଥିବାବେଳେ ତାହା ଫାଶ ପଡ଼ିଯାଇଥିଲା। ତାକୁ ଖୋଲିବାକୁ ଯାଇ ଓଲଟା ଫାଶ ଭିଡ଼ିଦେବାରୁ ବେକ ଚାପି ହୋଇ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ମା'ବାପା କହିଛନ୍ତି। ମା' ଆସି ଝିଅର ବେକରୁ ଗାମୁଛା ଖୋଲିବାବେଳକୁ ସେ ଚେତାଶୂନ୍ୟ ଥିଲେ। ତୁରନ୍ତ ତାଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାଲା (୩୨/୧୯) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅନ୍ୟପକ୍ଷରେ ଘଟଣାକୁ ପୋଲିସ ଗୁରୁତର ସହ ନେଇଥିବା ଥାନା ଅଧିକାରୀ ରଜନୀକାନ୍ତ ସାମଲ କହିଛନ୍ତି। ଏକ ଛୋଟ ପିଲା ନିଜ ବେକରେ ଗାମୁଛା ବାନ୍ଧି ଭିଡ଼ିଦେବା ଦ୍ୱାରା ଏଭଳି ମୃତ୍ୟୁ ଘଟିବାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ବତିମୀରା ଚୋରି ଘଟଣାରେ ଜଣେ ଅଟକ

**ବିରିଡ଼ି/ବାଲିଆ,୨୧।୧୦(ଡି.ଏନ.ଏ.)**

ବିରିଡ଼ି ଥାନା ବତିମୀରା ଗ୍ରାମର ପଦ୍ମନାଭ ସାହୁଙ୍କ ଘରୁ ଶନିବାର ରାତିରେ ଚୋରି ହୋଇଥିଲା। ଏହି ଘଟଣାରେ ରବିବାର ତାଙ୍କ ପୁଅ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ. ୧୨୮/୧୯ ରୁଜୁ କରି ତଦନ୍ତ ଚଳାଇଛି। ସୋମବାର ଡିଅମାଣତିରି ଗ୍ରାମର ଜଣଙ୍କୁ ସନ୍ଦେହରେ ଥାନାରେ ଅଟକ ରଖି ପଚରା ଉଚରା କରୁଛି। ସୂଚନା ଅନୁଯାୟୀ, ପଦ୍ମନାଭଙ୍କ ଘର ଗ୍ରୀଲ୍ ଓ କବାଟ ତାଡ଼ି ଦୁର୍ବୃତ୍ତମାନେ ଆଲମିରାରୁ ୨୦ ହଜାର ଟଙ୍କା, ୯୦ ଗ୍ରାମର ସୁନା ଅଳଙ୍କାର ଓ ଅନ୍ୟକେତେକ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଥିଲା।




## ଦୁର୍ଘଟଣାରେ ବୁଲେଟ ଆରୋହୀ ମୃତ

**ବିରିଡ଼ି,୨୧।୧୦(ଡି.ଏନ.ଏ):**

ଏନଏଚ ୫୫ର ବୁଢାପଡ଼ାଠାରେ ସୋମବାର ଅପରାହ୍ନରେ ଏକ ଦୁର୍ଘଟଣାରେ ଜଣେ ବୁଲେଟ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିରିଡ଼ି ଥାନା ମହାତୋଳ ଗ୍ରାମର ଧନଞ୍ଜୟ ରାଉତ (୬୩)। ଏକ ବୁଲେଟ (ନଂ.ଓଡ଼ି ୦୫ ଏଏଚ ୩୫୧୯)ରେ ସେ ଘରୁ ବାଲିଆଷ୍ଟୋର ଆସୁଥିବାବେଳେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ରାଉତ ଘଟଣାସ୍ଥଳରେ ଛିଟିକି ପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ କଟକ ବଡ଼ ଡାକ୍ତରଖାନା ନିଆଯାଇବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଛି।

## ଡିଆର୍‌ଡିଏ ଅଧିକାରୀଙ୍କ ତଦନ୍ତ ବେଳେ ଅଭିଯୋଗକାରୀଙ୍କୁ ଧମକ

**ରଘୁନାଥପୁର, ୨୧।୧୦ (ଡି.ଏନ.ଏ.)**

ସୋମବାର ଅପରାହ୍ନରେ ରଘୁନାଥପୁର ବ୍ଲକ ରାଢଙ୍ଗ ପଞ୍ଚାୟତରେ ଦୁର୍ନୀତି ସମ୍ପର୍କିତ ଅଭିଯୋଗକୁ ଭିତ୍ତିକରି ଡିଆର୍‌ଡିଏ ଅଧିକାରୀ ତଦନ୍ତ କରୁଥିଲେ। ଏହି ସମୟରେ ଉପସ୍ଥିତ ଅଭିଯୋଗକାରୀ ଦେବୀ ପ୍ରସାଦ ମହରାଣାଙ୍କୁ ଅଶାଳୀନ ବ୍ୟବହାର ସହ ଜୀବନରୁ ମାରି ଦେବାକୁ ଧମକ ଦିଆଯାଇଥିବାର ରଘୁନାଥପୁର ଥାନାରେ ଅଭିଯୋଗ ହୋଇଛି। ସୂଚନାଥାଉ କି ମହାରଣା ତଦନ୍ତ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ପଞ୍ଚାୟତ କାର୍ଯ୍ୟାଳୟ ଆସିଥିଲେ। ଏହି ସମୟରେ ତଦନ୍ତ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ନିଜ ସ୍ମାର୍ଟ ଫୋନରେ

**ଥାନାରେ ଅଭିଯୋଗ**

ଲାଇଭ ଭିଡିଓ କରିଥିଲେ। ଏହାକୁ କେନ୍ଦ୍ରକରି ଜିରା ଗାଁର ଜଣେ ବ୍ୟକ୍ତି କାର୍ଯ୍ୟାଳୟ ଭିତରେ ପଶି ମହାରଣାଙ୍କୁ ଖରାପ ବ୍ୟବହାର ଦେଖାଇବା ସହ ମୋବଇଲ ଇୟର ଫୋନ ଛିଣ୍ଡାଇ ଦେବା ଏବଂ ଡିସ୍‌ପ୍ଲେ ସ୍କ୍ରାଚ କରି ଦେଇଥିବା ସମ୍ପର୍କରେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏହାଛଡା ଆଉ ଦୁଇଜଣ ବ୍ୟକ୍ତି ମଧ୍ୟ ତାଙ୍କୁ ଦୁର୍ବ୍ୟବହାର ସହ ଧମକ ଦେଇଥିବାର ଅଭିଯୋଗ କରିଛନ୍ତି। ମହାରଣାଙ୍କ ଜୀବନ ପ୍ରତି ବିପଦ ଥିବା ଏବଂ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଥାନାର ସହଯୋଗ ଲୋଡିଛନ୍ତି। ଏ ସମ୍ପର୍କରେ ଏକ ଅଭିଯୋଗ ହୋଇଥିବା ଏବଂ ତଦନ୍ତ ଚାଲିଥିବା ସମ୍ପର୍କରେ ଆଇଆଇସି ବବିତା ଦଳେଇ ପ୍ରକାଶ କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସମସ୍ତଙ୍କ ଭିତରେ ତୁମେ ନିଜକୁ ଚିହ୍ନ। ଭଗବାନଙ୍କୁ ଭଲ ପାଅ। ଭଗବାନଙ୍କ ଗୁଣ କୀର୍ତ୍ତନ କର। ଯାହାର ବୋଝ ବୋହିପାରିବାର ସାମର୍ଥ୍ୟ ଅଛି, ସେ ହିଁ କେବଳ ବୋଝ ବୋହିପାରିବ।
- -ଗୁରୁ ନାନକ



## ସଂକ୍ଷେପରେ

### ଭାଜପା ପକ୍ଷରୁ ବନ୍ଦ ପାଳନ

**ଡୁବୁରୀ/ସୁକିନ୍ଦା,୨୧।୧୦(ଡିଏନଏ):** ଡୁବୁରୀ ୪ ଛକ ନିକଟରେ ଭାଜପା କର୍ମୀମାନେ ଏକତ୍ରିତ ହୋଇ ଚତୁଃପାର୍ଶ୍ୱରେ ଥିବା ରାଜପଥକୁ ଅବରୋଧ କରିବା ଯୋଗୁ ଜନଜୀବନ ବ୍ୟାହତ ହୋଇଥିଲା। ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ, ଡୁବୁରୀ- ସୁକିନ୍ଦା ଜାତୀୟ ରାଜପଥ, ଡୁବୁରୀ-ନରଣପୁର ରାଜ୍ୟ ରାଜପଥ ଓ ଡୁବୁରୀ -ଯାଜପୁରରୋଡ ରାଜ୍ୟ ରାଜପଥକୁ ବନ୍ଦ ସମର୍ଥକମାନେ ଅବରୋଧ କରିଥିଲେ। ବିଶ୍ୱଜିତ ରାଜ, ଜ୍ଞାନରଞ୍ଜନ ସାହୁ, ବଳରାମ ରାଉତ, ରଞ୍ଜନ ଦେଇ, ଗୋଲଖ ଦେଓ, ତପୋଧନ ଦେଓ, ରାଜକିଶୋର ବାରିକ, ଶଶିବ୍ରତ ସ୍ୱାଇଁ, ପ୍ରେମନାରାୟଣ ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଭାଜପା ନେତା ପ୍ରଦୀପ ବଳସାମନ୍ତ ଓ ଏମ୍‌ପି ଅଶ୍ୱିନୀ ବୈଷ୍ଣବ ବିଭିନ୍ନ ସ୍ଥାନକୁ ଯାଇ ସମର୍ଥକଙ୍କୁ ଉତ୍ସାହିତ କରିଥିଲେ। ପରେ କଳିଙ୍ଗନଗର ଥାନା ପକ୍ଷରୁ ଶତାଧିକ କର୍ମୀଙ୍କୁ ଗିରଫ କରି ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦିଆଯାଇଥିଲା।

ସେହିପରି ସୁକିନ୍ଦାରେ ପ୍ରଦୀପ ବଳସାମନ୍ତ(ଟୁଟୁ)ଙ୍କ ନେତୃତ୍ୱରେ ୫୩ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା। ଫଳରେ ଖଣି ଅଞ୍ଚଳକୁ ସମସ୍ତ ଟ୍ରକ ଚଳାଚଳ ବ୍ୟାହତ ହୋଇଥିବାରୁ ପରିବହନ ବନ୍ଦ ରହିଥିଲା। ଏହାସହ ମଙ୍ଗଳପୁରଛକ, କୁହିକା ଛକ ପ୍ରଭୃତିସ୍ଥାନରେ ବନ୍ଦ ପାଳନ କରାଯାଇଥିଲା। ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ସ୍କୁଲକଲେଜ, ଦୋକାନବଜାର ପ୍ରଭୃତି ବନ୍ଦ ରହିଥିଲା। ଏଥିରେ ପୁଷ୍ପକ ମହାପାତ୍ର, ରବୀନ୍ଦ୍ର ପୁହାଣ, ମନ୍ଦାକିନୀ ସେଠୀ, ଶୁଭକାନ୍ତ ମହାନ୍ତି ପ୍ରମୁଖ ସାମିଲ ଥିଲେ। ସେହିପରି ଡୁବୁରୀ ଛକରେ ବାବୁଲି ପୂର୍ତ୍ତି, ବାବୁନି ରାଜ, ପ୍ରତାପ ଜେନା, ରାଜେନ୍ଦ୍ର କାଲୁଣ୍ଡିଆ ପ୍ରମୁଖଙ୍କ ନେତୃତ୍ୱରେ ବନ୍ଦ ହୋଇଥିଲା। ସୁକିନ୍ଦା ବ୍ଲକର କାଳିଆପାଣି ଅଞ୍ଚଳରେ ମଧ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରାଯାଇଥିଲା।

କଳିଙ୍ଗନଗରରେ ମଧ ବନ୍ଦର ପ୍ରଭାବ ପଡିଥିଲା। ଭାଜପା କର୍ମୀମାନେ ସକାଳେ ମିଲିଟାରୀ ଛକ, ଡୁବୁରୀ ଛକ, ବଙ୍ଗଳାଛକ ଆଦି ରାସ୍ତା ଉପରେ ଟାୟାର ଜାଳି ବନ୍ଦ ପାଳନ କରିଥିଲେ। ଫଳରେ ଶିଳ୍ପାଞ୍ଚଳକୁ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଯାଜପୁର ରୋଡ ଓ ଦାନଗଦୀ ପୋଲିସ ପହଞ୍ଚି ବନ୍ଦରେ ସାମିଲ ହୋଇଥିବା ପ୍ରଶାନ୍ତ କୁମାର ରାୟ, ସୁଧାଂଶୁ ଭଞ୍ଜ, ପିନୁ ସାମଲ, ରଞ୍ଜିତ ବେହେରା, କାଳନ୍ଦି ଭଞ୍ଜ, ତ୍ରୈଲୋଚନ ରାଉତ, ଜଳଧର ଖିଲାର, ବିଜୟ ସାମଲ, ଚିତ୍ତରଞ୍ଜନ ବେହେରା, ଅରୁଣ କୁମାର ଓଝାଙ୍କ ସମେତ ୧୫ ଜଣଙ୍କୁ ଥାନାରେ ଅଟକ ରଖିଥିଲେ। ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିବା ଜଣାପଡିଛି।

# ବନ୍ଦ ସଫଳ

# ଖାଁ ଖାଁ ସହର, ବଜାର



### ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା



ଯାଜପୁର ଅଫିସ,୨୧।୧୦– ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଦାବି ଜୋର ଧରିଛି। ଏ ନେଇ ସୋମବାର ସମଗ୍ର ଯାଜପୁର ଜିଲାରେ ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଏହି ବନ୍ଦ ଡାକରାକୁ ଜିଲାବ୍ୟାପୀ ଲୋକଙ୍କ ସ୍ୱତଃପ୍ରବୃତ୍ତ ସମର୍ଥନ ମିଳିଥିଲା। ବିଭିନ୍ନ ଅଞ୍ଚଳରୁ ୫୦୦ରୁ ଉର୍ଦ୍ଧ୍ୱ ଭାଜପା କର୍ମୀ ଗିରଫ ହୋଇଥିଲେ। ତେବେ ଏହି ବନ୍ଦ ଯୋଗୁ ଜିଲାର ସମସ୍ତ ସହର ଓ ଗ୍ରାମାଞ୍ଚଳରେ ମଧ ଜୀବନଯାତ୍ରା ବ୍ୟାହତ ହୋଇଥିବା ଜଣାପଡ଼ିଛି।

**ଯାଜପୁର ରୋଡ(ନି.ପ୍ର.)/କୋରେଇ (ସ୍ୱ.ପ୍ର)–** କୋରେଇ ବିଧାନସଭା ଭାଜପା ପ୍ରାର୍ଥୀ ବିଶ୍ୱଜିତ ନାୟକଙ୍କ ନେତୃତ୍ୱରେ ବ୍ୟାସନଗର ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଲିକ, ଆଲେକଜାଣ୍ଡାର ଦାସ, ମନୋଜ ଜେନା, ଅଯୋଧ୍ୟା ଜେନା, ଚନ୍ଦ୍ରଶେଖର ପଣ୍ଡା, ବିଜୟ ପଣ୍ଡା, ଇତିଶ୍ରୀ ଜେନା, ଅରୁଣ ଦାସ, ବିକ୍ରମ ବିଶ୍ୱାଳ, ଦୀପକ ଦାସ ପ୍ରମୁଖ ଦଳୀୟ କର୍ମୀମାନେ ପୁରୀ-ହାୱଡା ଏକ୍ସପ୍ରେସ ଟ୍ରେନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ଅଟକାଇବାକୁ ଉଦ୍ୟମ କରିଥିଲେ। ହେଲେ ଆରପିଏଫ୍ ବିକ୍ଷୋଭକାରୀଙ୍କୁ କାବୁ କରି ନେଇ ଅଟକ ରଖିବାରୁ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସହରର ଗୋପବନ୍ଧୁ ଛକ, ଚୋର୍ଦ୍ଧାଛକ, ଡାକବଙ୍ଗଳା ଛକ ପ୍ରଭୃତି ସ୍ଥାନରେ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳସ୍ୱରୂପ ସହରରେ ଥିବା ମଲ୍, ହୋଟେଲ, ସମସ୍ତ ବ୍ୟାଙ୍କ, ସ୍କୁଲ କଲେଜ, ପେଟ୍ରୋଲ ପମ୍ପ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ପ୍ରଭୃତି ବନ୍ଦ ରହିଥିଲା। ବ୍ୟାସନଗର ପୌର ପରିଷଦର ସଭାଗୃହରେ ପୂର୍ବ ନିର୍ଦ୍ଧାରିତ ଜିଲାପାଳଙ୍କ ଶୁଣାଣି ମଧ ବାଧାପ୍ରାପ୍ତ ହୋଇଥିଲା।



**ଯାଜପୁର ଟାଉନ (ଡି.ଏନ.ଏ)–** ଯାଜପୁର ଜିଲା ବନ୍ଦ ଆହ୍ୱାନ ପରିପ୍ରେକ୍ଷୀରେ ଜିଲା ସଦର ମହକୁମା ଯାଜପୁର ସହରରେ ସୋମବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ ପାଳନ ହୋଇଥିଲା। ଛୋଟ ଚା ପାନ ଦୋକାନରୁ ଆରମ୍ଭ କରି ସମସ୍ତ ଦୋକାନ ବଜାର, ବ୍ୟାଙ୍କ ଓ ସରକାରୀ ବେସରକାରୀ ଅଫିସ ବନ୍ଦ ରହିଥିଲା। ଦୁଇଚକିଆ ଯାନ ବ୍ୟତୀତ ଅନ୍ୟ ସମସ୍ତ ଯାନ ଚଳାଚଳ କରି ନ ଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରାଯାଇଥିଲା। ଏପରିକି କଲେଜ ହଷ୍ଟେଲଗୁଡିକରୁ ଅନ୍ତେବାସୀଙ୍କୁ ବାହାରିବାକୁ ଦିଆଯାଇ ନ ଥିଲା। ଜିଲାସାରା ବନ୍ଦକୁ ସମର୍ଥନ କରିଥିବାରୁ ଜିଲା ଭାଜପା ସଭାପତି ରାୟ ଜିଲାବାସୀଙ୍କୁ ଗଭୀର କୃତଜ୍ଞତା ଜଣାଇବା ସହ ବଣିକ ସଂଘ, ଛାତ୍ର ସଂଘ, ବିଭିନ୍ନ ସାମାଜିକ ଅନୁଷ୍ଠାନ ପ୍ରମୁଖଙ୍କୁ ସାଧୁବାଦ ଜଣାଇଛନ୍ତି। ଏଥିରେ ଭାଜପା ଏମ୍‌ପି ପ୍ରାର୍ଥୀ ଅମିୟ ମଲ୍ଲିକ, ସୁଦୀପ୍ତ ପଣ୍ଡା, ସୁରଜଲାଲ ସାମଲ, ମୃତ୍ୟୁଞ୍ଜୟ ମିଶ୍ର, ମନ୍ମଥ ବରାଳ, ସୁଧାଂଶୁ ବେହେରା, ଜିତାମିତ୍ର ଦାସ, ଅଶିମ କର, ରାମକୁମାର ସାହୁ, ଜିତୁ ଗଡନାୟକ, ସୌମ୍ୟରଞ୍ଜନ ଧଳ, ସୁରେଶ ରାଉତ, ସତ୍ୟଜିତ ସ୍ୱାଇଁ, ଉପେନ୍ଦ୍ର ପଣ୍ଡା, ଶ୍ରୀନିବାସ ପରିଡା, ପ୍ରମୋଦ ଦଳାଇ, ସୁଢଳ ସାହୁ, ହୃଷିକେଶ ପରିଡା, ସନ୍ତୋଷ ନନ୍ଦ, ଦିପ୍ତୀରେଖା ମିଶ୍ର, ରମେଶଚନ୍ଦ୍ର ସାମଲ ପ୍ରମୁଖ ସାମିଲ ଥିଲେ।

**ଧର୍ମଶାଳା(ଡିଏନଏ)–** ସ୍ମିତାରାଣୀଙ୍କ କାର୍ଯ୍ୟକ୍ଷେତ୍ର ଧର୍ମଶାଳାରେ ମଧ ବନ୍ଦକୁ ଅକୁଣ୍ଠ ସମର୍ଥନ ମିଳିଥିଲା। ବିଧାନସଭା ବିଧାୟକ ପ୍ରାର୍ଥୀ ରମେଶ ପରିଡାଙ୍କ ନେତୃତ୍ୱରେ ୬ନମ୍ବର ଜାତୀୟ ରାଜପଥରେ ଅବରୋଧ କରାଯାଇଥିଲା। ଫଳରେ ୨ଚକିଆ ଯାନ ବ୍ୟତୀତ ଅନ୍ୟ ସମସ୍ତ ଯାନ ଅଟକି ରହିଥିଲା। ଭାଜପା ନେତା ସର୍ବେଶ୍ୱର ବେହୁରାଙ୍କ ନେତୃତ୍ୱରେ ଦୋକାନବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ପିକେଟିଂ କରାଯାଇ ବନ୍ଦ କରାଯାଇଥିଲା। ଏଠାରେ ସମସ୍ତ ଦୋକାନବଜାର ସ୍ୱତଃପ୍ରବୃତ୍ତ ଭାବେ ବନ୍ଦ ରହିଥିଲା। ଏଥିରେ ସୁଶାନ୍ତ ବେହେର, ସିପ୍ରାରାଣୀ ସାହୁ, ସୁବାଷ ସେଠୀ, ରାଜେନ୍ଦ୍ର ଦାସ, ଚଗଲୁ ବିଶ୍ୱାଳ, ମନୋଜ ମହାନ୍ତି, ବଳରାମ ଦାସ ପ୍ରମୁଖ ଦଳୀୟ କର୍ମୀ ସାମିଲ ହୋଇଥିଲେ।

**ବରୀ/ରତ୍ନଗିରି–** ବରୀ ନିର୍ବାଚନମଣ୍ଡଳୀର ବରୀ ମାଉଣ୍ଡ, ଶଙ୍ଖାରିଗଡା, ବାଲିଆପାଳ, ରତ୍ନଗିରି, କାଇପଡା ବ୍ୟାଙ୍କଛକ ଓ ବାଲିଆଠାରେ କର୍ମୀମାନେ ବନ୍ଦ ପାଳନ କରିଥିଲେ। ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ବରୀ ବ୍ଲକ ଅଧକ୍ଷା ସୁଭାଶିନୀ ନାଥ ଶର୍ମା, ଉପାଧକ୍ଷ ରମେଶଚନ୍ଦ୍ର ଭଞ୍ଜ, ଜିଲାପରିଷଦ ସଭ୍ୟା ରଞ୍ଜିତା ସାମଲ, ସରପଞ୍ଚ ବିଜୟ ସାହାଣୀ, ବିରେନ୍ଦ୍ର ମିଶ୍ର, ଶ୍ରୀଧର ଧଳ, ରମାକାନ୍ତ ମଲ୍ଲିକ, ସୁଶାନ୍ତ ମଲ୍ଲିକ, ଅର୍ଚ୍ଚନା ମଲ୍ଲିକ, ରିନାରାଣୀ ଧଳ, ସମିତିସଭ୍ୟ ଅକୁର ମଲ୍ଲିକ, ପ୍ରଫୁଲ୍ଲ ସାମଲ, ନିବେଦିତା ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ। ସମସ୍ତ ଶିକ୍ଷାନୁଷ୍ଠାନ, ପେଟ୍ରୋଲ ପମ୍ପ, ବ୍ୟାଙ୍କ, ବ୍ଲକ କାର୍ଯ୍ୟାଳୟ ତହସିଲ ସମେତ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଏତଦ୍‌ବ୍ୟତିତ ବରୀ ରାମଚନ୍ଦ୍ରପୁର ଥାନାର ଦଳିତ ହୋମଗାର୍ଡ ରଞ୍ଜନ ମଲ୍ଲିକଙ୍କୁ ବରୀ ବିଧାୟକଙ୍କ ସ୍ୱାମୀ ଓ ତାଙ୍କ ସହଯୋଗୀ ହତ୍ୟା ଧମକ ଦେବା ଓ ଜାତିଆଣ ମନ୍ତବ୍ୟ ଦେବା ମାମଲା ସଂକ୍ରାନ୍ତରେ ପୋଲିସର ନୀରବତା ପ୍ରତିବାଦରେ ମଧ ଧାରଣା ଦିଆଯାଇଥିଲା।

**ରସୁଲପୁର,(ଡିଏନଏ)–** ରସୁଲପୁର ବ୍ଲକରେ ମଧ ବନ୍ଦ ପ୍ରଭାବ ଅନୁଭୂତ ହୋଇଥିଲା। ପ୍ରମୁଖ ବ୍ୟବସାୟ କେନ୍ଦ୍ର କୁଆଖିଆ ବଜାରରେ ଭାଜପାର ଜିଲା ସମ୍ପାଦକ ଶଶିଭୂଷଣ ସାହୁ ଓ ୩୬ନଂ ଜିଲା ପରିଷଦ ସଭ୍ୟ ଚତୁର୍ଭୁଜ ଦ୍ୱିବେଦୀ, ସମବାୟ ନେତା ମୁକୁନ୍ଦ ଦେବ ମହାନ୍ତିଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ବରୀ ନିର୍ବାଚନମଣ୍ଡଳୀର ଭାଜପା କର୍ମୀମାନେ ମୁଳାପାଳ ଛକରୁ ବାହାରି କୁଆଖିଆଠାରେ ପହଞ୍ଚି କୋରେଇର ଦଳୀୟ କର୍ମୀଙ୍କ ସହ ସାମିଲ ହୋଇଥିଲେ। ଧର୍ମଶାଳା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡା ଦଳୀୟ କର୍ମୀଙ୍କ ସହ କୁଆଖିଆରେ ପହଞ୍ଚିଲା ପରେ ମିଳିତ ଭାବେ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କୁ ପ୍ରତିବାଦ ଜଣାଇବା ସହ ବ୍ଲକ କାର୍ଯ୍ୟାଳୟ ବନ୍ଦ କରାଇଥିଲେ। ରସୁଲପୁର ତହସିଲ କାର୍ଯ୍ୟାଳୟ ମଧ ବନ୍ଦ କରାଯାଇଥିଲା। ଓରାଳି ସୂର୍ଯ୍ୟନାରାୟଣ ମଠ ପାଖରେ ୧୬ନଂ ଜାତୀୟ ରାଜପଥକୁ ନିଆଁ ଜଳାଇ ଅବରୋଧ କରିଥିବା କାରଣରୁ କୁଆଖିଆ ପୋଲିସ ୩୩ ନଂ ମଣ୍ଡଳ ସଭାପତି ମାୟାଧର ପଲେଇଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡିଦେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ପତି, ବଟକୃଷ୍ଣ ସାହୁ, ଲକ୍ଷ୍ମଣ ସାହୁ, ପ୍ରଶାନ୍ତ ଜେନା, ଉମେଶ ବରାଳ ପ୍ରମୁଖଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।



**ବିଞ୍ଝାରପୁର(ଡିଏନଏ)–** ଭାଜପା ନେତ୍ରୀ ବବିତା ମଲ୍ଲିକଙ୍କ ନେତୃତ୍ୱରେ ବରିଷ୍ଠନେତା ନିରଞ୍ଜନ ବେଉରିଆ, ମୁକ୍ତିକାନ୍ତ ସାମଲ,ପୁରୁଷୋତ୍ତମ ବେହେରା,ସଞ୍ଜିବ ସାହୁ,ବିଶ୍ୱଜିତ ସାମଲ,ଜିତେନ୍ଦ୍ର ବିଶ୍ୱାଳ,ବିରେନ ଦାସ,ଦିଗାମ୍ବର ପାତ୍ରଙ୍କ ସମେତ ଭାଜପାର ବହୁ ଛାମୁଆ କର୍ମୀମାନେ ବିଞ୍ଝାରପୁର ବ୍ଲକର ମଇଁଦା, ଅରେଇ, ବିଞ୍ଝାରପୁର, ପ୍ରୀତିପୁର, କପିଳା, ବାଳମୁକୁଳି, ବାଛୋଳ, ସିଂହପୁର,ଜରୀ, ବାଙ୍ଗରା ଆଦି ଛକ ବଜାରରେ ବନ୍ଦ ପାଳନ କରିଛନ୍ତି। ବିଭିନ୍ନ ସ୍ଥାନରେ ବ୍ୟବସାୟୀମାନେ ସ୍ୱତଃପ୍ରବୃତ୍ତ ଦୋକାନ ବଜାର ବନ୍ଦ କରିଥିଲେ। କେତେକ ସ୍ଥାନରେ ଭାଜପା କର୍ମୀ ପିକେଟିଂ କରିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିବାବେଳେ ବାକି ସ୍ଥାନଗୁଡିକରେ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିଲା।

## ସ୍ମିତାରାଣୀ ହତ୍ୟାକାଣ୍ଡ ସିବିଆଇ ତଦନ୍ତ ଦାବି

# ବଡ଼ଚଣା ଭାଜପା ପକ୍ଷରୁ ବନ୍ଦ ପାଳନ

**ଚଣ୍ଡିଖୋଲ/ ବାଲିଚନ୍ଦ୍ରପୁର, ୨୧।୧୦(ଡ଼ି.ଏନ.ଏ/ ସ୍ୱ.ପ୍ର)**

ବଡ଼ଚଣା ବ୍ଲକ ତରଫରୁ ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ସିବିଆଇ ତଦନ୍ତ ଦାବିରେ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଯାଜପୁର ଜିଲା ଭାଜପା ତରଫରୁ ଦିଆଯାଇଥିବା ବନ୍ଦ ଡ଼ାକରାକୁ ସମର୍ଥନ କରି ଭାଜପା କର୍ମୀମାନେ ସୋମବାର ଭାଜପା ମୁଖପାତ୍ର ଅମର ନାୟକଙ୍କ ନେତୃତ୍ୱରେ ବଡଚଣା ବ୍ଲକ ଚଣ୍ଡିଖୋଲ, ବାଲିଚନ୍ଦ୍ରପୁର, ଛତିଆ, ବଡଚଣା, ବନ୍ଧାଳୋ ଓ ବାଲିକୁଦା ଆଦି ଛକଗୁଡ଼ିକରେ ବନ୍ଦ ପାଳନ କରିଥିଲେ। ଜାତୀୟ ରାଜପଥ ବନ୍ଦ କରିବା ସହ ଦୋକାନ ବଜାର, ସ୍କୁଲ, କଲେଜ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। ଏହି ଅବସରରେ ଚଣ୍ଡିଖୋଲ ବୁଦ୍ଧମୂର୍ତ୍ତି ନିକଟରେ ଧିରେନ୍ଦ୍ର ରାଉତଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ନେତା ଅମର ନାୟକଙ୍କ ସମେତ ପୂର୍ବତନ ଏମ.ପି ମୋହନ ଜେନା, ରମାକାନ୍ତ ରାଉତ, ପ୍ରୀତମ ନାୟକ, ଦେବଜାନୀ ପ୍ରଧାନ, ଜ୍ଞାନରଞ୍ଜନ ସାହୁ, ପ୍ରଦୀପ୍ତ ଜେନା, ନାରାୟଣ ସାମଲ, ପ୍ରମୋଦ କୁମାର ଜେନା, ସରୋଜ କୁମାର ରାଉତ, ଲଲାଟେନ୍ଦୁ ମହାପାତ୍ର, ପ୍ରଦୀପ ଧଳଙ୍କ ସମେତ ବହୁ କର୍ମୀ ପୋଲିସ ପ୍ରଶାସନ ଘଟଣାକୁ ଭିନ୍ନ ମୋଡ଼ ଦେଉଥିବା ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ବାଲିଚନ୍ଦ୍ରପୁରଠାରେ ଦିଲୀପ କୁମାର ରାଉତ, ପ୍ରଦୀପ୍ତ ସାମଲ, ରାଇଚରଣ ସେଠୀ, ଅଶୋକ ବିଶ୍ୱାଳ, ଅମୀୟ ସାହାଣୀ, ପଙ୍କଜ ବିଶ୍ୱାଳ, ବାଇଧର ସେନାପତି ପ୍ରମୁଖ ଏକ ବାଇକ୍ ରାଲିରେ ଯାଇ ଦୋକାନ ବଜାର ବନ୍ଦ କରିଥିଲେ। ସେହିଭଳି ଛତିଆଠାରେ ଯୁବ ନେତା ରମେଶ ପୃଷ୍ଟି , ସାରଦାନନ୍ଦ ରାଉତ, ବେଣୁଧର ବିଶ୍ୱାଳ, ସତ୍ୟନାରାୟଣ ମହାନ୍ତି, ଶ୍ରୀଚରଣ ମଳିକ, ନିଳମଣୀ ରାଉତଙ୍କ ନେତୃତ୍ୱରେ ବହୁ କର୍ମୀ ଓ ସମର୍ଥକ ବନ୍ଦ ପାଳନରେ ସାମିଲ ହୋଇଥିଲେ।

# ମାଡ଼ ମାରି ଛାତ୍ରଙ୍କ ଆଙ୍ଗୁଳି ଫଟାଇ ଦେଲେ ଶିକ୍ଷକ

**ଯାଜପୁର ଟାଉନ,୨୧।୧୦(ଡି.ଏନ.ଏ)**

ଜଣେ ଛାତ୍ରଙ୍କୁ ମାଡ଼ ମାରି ଲହୁ ଲୁହାଣ କରିଛନ୍ତି ଶିକ୍ଷକ। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଅଭିଭାବକ ଯାଜପୁର ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୋଲିସ ଏ ନେଇ ଏକ ମାମଲା (ନଂ.୧୫୪/୧୯) ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଭାଗବତପୁର ଗ୍ରାମର ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ପୁଅ ସନ୍ଦୀପ ଭାଗବତପୁର ଉପ୍ରା ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ପଢ଼ନ୍ତି। ଗତ ୧୭ତାରିଖ ଏହି ବିଦ୍ୟାଳୟର ସାହିତ୍ୟ ଶିକ୍ଷକ ଗୌରାଙ୍ଗ ଚରଣ ମହାନ୍ତି ବିଦ୍ୟାଳୟରେ ସନ୍ଦୀପଙ୍କୁ ଚଗଲା ହେଉଥିବାରୁ ଏକ ବାଉଁଶ ବାଡ଼ିରେ ବାଡ଼େଇ ଥିଲେ। ଫଳରେ ସନ୍ଦୀପଙ୍କ ହାତର ୨ଟି ଆଙ୍ଗୁଳି ଫାଟି ରକ୍ତାକ୍ତ ହୋଇଯାଇଥିଲା। ଭୟରେ ଛାତ୍ର ଜଣକ ଘରେ ଏ ସମ୍ପର୍କରେ କହି ନ ଥିବାବେଳେ ୨ଦିନ ପରେ ତାଙ୍କ ବାପା ଏହା ଦେଖି ପଚାରିବାରୁ ସେ ସମସ୍ତ ଘଟଣା ବର୍ଣ୍ଣନା କରିଥିଲେ। ପ୍ରଥମେ ଛାତ୍ର ଜଣଙ୍କୁ ତାଙ୍କ ବାପା ଡାକ୍ତରଖାନାରେ ଚିକିତ୍ସା କରାଇ

### ଥାନାରେ ଏତଲା

ଯାଜପୁର ଥାନାରେ ଲିଖିତ ଅଭିଯୋଗ ଦାଏର କରିବା ପରେ ଥାନାଧିକାରୀ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ୪ମାସ ତଳେ ସମ୍ପୃକ୍ତ ଶିକ୍ଷକ ଜଣକ ୨ଜଣ ଛାତ୍ରଙ୍କୁ ଡଷ୍ଟରରେ ପିଟି ମୁଣ୍ଡ ଫଟାଇ ଦେଇଥିଲେ। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ଫଳରେ ଏହି ଘଟଣାକୁ ସମାଧାନ କରାଯାଇଥିବାବେଳେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କୌଣସି ଅଭିଯୋଗ ହୋଇ ନ ଥିଲା।

## ସ୍ମିତାରାଣୀଙ୍କ ମୃତ୍ୟୁର ତଦନ୍ତ ଦାବି

# ଏସ୍‌ୟୁସିଆଇ(ସି) ପକ୍ଷରୁ ପ୍ରତିବାଦ



ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଧର୍ମଶାଳା ଶାଖା ପକ୍ଷରୁ ପ୍ରତିବାଦ ସଭା କରାଯାଉଛି।

**ଯାଜପୁର ଟାଉନ/ ଧର୍ମଶାଳା,୨୧।୧୦(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ହରିଦାଶପୁର ପଞ୍ଚାୟତର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ପାଇଁ ଦାୟୀ ଅନ୍ୟ ୪ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା, ବ୍ୟବଚ୍ଛେଦ ରିପୋର୍ଟର ଫୋରେନ୍‌ସିକ୍ ଟେଷ୍ଟ କରାଇବା ଏବଂ ଉକ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବିରେ ଏସ୍‌ୟୁସିଆଇ (ସି) ଜିଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକ, ଜିଲା କମିଟି ସଭ୍ୟ ଅଚ୍ୟୁତ ପ୍ରଧାନ, ସୁରେଶ ପ୍ରଧାନ, ଜଗବନ୍ଧୁ ମଲ୍ଲିକ୍ , ଅଭିମନ୍ୟୁ ମଲ୍ଲିକ, ସଂଗଠକ ବିଜୟ ଯେନା, ହୃଷିକେଶ ସିଂ, ମାନସ ସାମଲ, ମମତା ସେଠୀ, ସସ୍ମିତା ଯେନା , ମନୋଜ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ କର୍ମୀ ଓ ସଂଗଠକ ମାନେ ମେଡ଼ିକାଲ ଛକରୁ ଏକ ଶୋଭାଯାତ୍ରା ବାହାରି ଗାନ୍ଧିଛକ, ଜିଲାପାଳ ଅଫିସ ପ୍ରଭୃତି ସ୍ଥାନରେ ପ୍ରତିବାଦ ସଭା କରିଥିଲେ। ସେହିପରି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଧର୍ମଶାଳା ଶାଖା ପକ୍ଷରୁ ଜାରକା ବଜାରରେ ଏକ ଶୋଭାଯାତ୍ରା କରାଯାଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ପ୍ରତିବାଦ ସଭାରେ ଚୈତନ୍ୟ ମହାରଣା, ମଧୁସ୍ମିତା ସାହୁ, ଉଦୟ ବେହେରା, ଦମୟନ୍ତୀ ମୁଦୁଲୀ, ବିଚିତ୍ରାନନ୍ଦ ଦାସ, ପ୍ରଶାନ୍ତ ସ୍ୱାଇଁ, ମଧୁସୂଦନ ସେଠୀ, କବି ସେଠୀ, ସସ୍ମିତା ସାହୁ, ସଞ୍ଜୁକ୍ତା ସାହୁ, ପ୍ରଭାତୀ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ସ୍ତ୍ରୀଙ୍କ କାର୍ଯ୍ୟରେ ହସ୍ତକ୍ଷେପରୁ ବଢ଼ିଥିଲା ସମ୍ପର୍କ

**ରସୁଲପୁର,୨୧।୧୦(ଡିଏନଏ)**

ନାରୀଟିଏ ଆହୁରି ସଶକ୍ତ ହେଉ, ଆଗକୁ ବଢୁ, ପୁରୁଷଙ୍କ କାନ୍ଧରେ କାନ୍ଧ ମିଶେଇ ସମସ୍ତ କାର୍ଯ୍ୟରେ ସହଭାଗୀ ରହୁ। ଏହି ଉଦ୍ଦେଶ୍ୟରେ ମହିଳାଙ୍କ ପାଇଁ ରାଜନୀତି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାରେ ମଧ ସ୍ଥାନ ସଂରକ୍ଷଣ କରାଯାଇଛି। ମାତ୍ର ଫଳ ହେଉଛି ଓଲଟା। ରାଜନୀତିରେ ମହିଳାମାନେ ପାଦ ଥାପିଛନ୍ତି ସତ ହେଲେ ଅଧିକାଂଶ ମହିଳା ଜନପ୍ରତିନିଧି ଏବେ କେବଳ ରବର ଷ୍ଟାମ୍ପ ହୋଇ ରହିଛନ୍ତି। ସେମାନଙ୍କ ସମସ୍ତ ରାଜନୈତିକ ଓ ଅଫିସିଆଲ କାର୍ଯ୍ୟ ତୁଲାଉଛନ୍ତି ସେମାନଙ୍କ ସ୍ୱାମୀ ନଚେତ ପରିବାରର କେହିଜଣେ ସଦସ୍ୟ। ଯଦ୍ୱାରା ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରିଣୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଭଳି ଘଟଣା ଘଟିବାରେ ସହାୟକ ହେଉଛି ବୋଲି କୁହାଯାଇପାରେ। ଏସ୍‌ପିଙ୍କ କହିବା ଅନୁଯାୟୀ ସ୍ମିତାଙ୍କ ମୃତ୍ୟୁ ପାଇଁ ରୂପେଶ ଓ ସ୍ମିତାଙ୍କ ମଧୁର ସମ୍ପର୍କ ଦାୟୀ। ଏହି ଉକ୍ତିକୁ ଯଦି ସତ୍ୟ ବୋଲି ଧରି ନିଆଯିବ ତେବେ କେଉଁଠି ନା କେଉଁଠି ଏହି ମଧୁର ସମ୍ପର୍କ ସୃଷ୍ଟି ହେବା ପାଇଁ ତ୍ରୁଟିପୂର୍ଣ୍ଣ ସରକାରୀ ବ୍ୟବସ୍ଥା ଦାୟୀ ବୋଲି କୁହାଯାଉଛି। ମାର୍ଚ୍ଚ,୨୦୧୭ରେ ସରପଞ୍ଚ ମଧୁସ୍ମିତା ଭଦ୍ର ହରିଦାସପୁର ପଞ୍ଚାୟତର ଦାୟିତ୍ୱ ଭାର ଗ୍ରହଣ କରିଥିଲେ। ସେତେବେଳେ ପଞ୍ଚାୟତ ଦାୟିତ୍ୱରେ ନିର୍ବାହୀ ଅଧିକାରୀ ସ୍ମିତାରାଣୀ ବିଶ୍ୱାଳ ଥିଲେ। ତେବେ ମଧୁସ୍ମିତା ସରପଞ୍ଚ ହୋଇଥିଲେ ସତ, ମାତ୍ର ସରପଞ୍ଚର ସମସ୍ତ କାର୍ଯ୍ୟ ତୁଲାଉ ଥିଲେ ସ୍ୱାମୀ ରୂପେଶ ଭଦ୍ର। ସରପଞ୍ଚ ବୋଲି ମଧୁସ୍ମିତାଙ୍କ ନାଁ କେବଳ କାଗଜ କଲମରେ ସୀମିତ ହୋଇ ରହିଥିଲା। ଫଳରେ ପଞ୍ଚାୟତର ଯାବତୀୟ କାର୍ଯ୍ୟକୁ ନେଇ ରୂପେଶଙ୍କ ସହ ସ୍ମିତାରାଣୀଙ୍କର ବାରମ୍ବାର ସାକ୍ଷାତ ହେଉଥିଲା। ଯଦ୍ୱାରା ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିଲା ବୋଲି କୁହାଯାଉଛି। ଅପରପକ୍ଷରେ ସରପଞ୍ଚଙ୍କ ପରିବାର ସହ ସ୍ମିତାରାଣୀଙ୍କର ଦୂର ସମ୍ପର୍କ ରହିଥିବାରୁ ସେହି ଆଧାରରେ ଉଭୟଙ୍କ

### ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

- ସରପଞ୍ଚ ମଧୁସ୍ମିତାଙ୍କ ସମସ୍ତ ଅଫିସିଆଲ କାର୍ଯ୍ୟ ତୁଲାଉଥିଲେ ସ୍ୱାମୀ ରୂପେଶ
- ବାରମ୍ବାର ସାକ୍ଷାତ ଯୋଗୁ ବଢ଼ିଥିଲା ସ୍ମିତା-ରୂପେଶଙ୍କ ମଧ୍ୟରେ ଘନିଷ୍ଠତା
- ପଞ୍ଚାୟତ କାର୍ଯ୍ୟାଳୟ ବଦଳରେ ଅତିଥି ଭବନରେ ହେଉଥିଲା କାର୍ଯ୍ୟ

ମଧ୍ୟରେ ଦୂରତା ଆହୁରି କମି ଯାଇଥିଲା। ତେଣୁ ଉଭୟଙ୍କ ସହମତିରେ ଅଭିଯୁକ୍ତ ରୂପେଶଙ୍କ ଅତିଥି ଭବନରେ ପଞ୍ଚାୟତର ସବୁ କାର୍ଯ୍ୟ କରାଯାଉଥିଲା। ବର୍ଷରେ ସ୍ୱାଧିନତା ଓ ସାଧାରଣତନ୍ତ୍ର ଦିବସରେ କେବଳ ପଞ୍ଚାୟତ କାର୍ଯ୍ୟାଳୟରୁ ତାଲା ଖୋଲୁଥିଲା। ତେବେ ପଞ୍ଚାୟତର ସବୁ କାର୍ଯ୍ୟ ଅତିଥି ଭବନରେ ହେଉଥିଲା ବୋଲି ଯେଉଁ ଅଭିଯୋଗ ହେଉଛି, ସେଥିରେ ଯଦି ସତ୍ୟତା ଥାଏ ତେବେ ଅଢେଇ ବର୍ଷ ପର୍ଯ୍ୟନ୍ତ ଏ କଥାକୁ କେହି ବିରୋଧ କରୁ ନ ଥିଲେ କିପରି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହିଭଳି ସୁଯୋଗ ସୃଷ୍ଟି ହେବା ପାଇଁ ସରକାରୀ ବ୍ୟବସ୍ଥାକୁ ଦାୟୀ କରାଯାଉଛି। ଏ ଦିଗରେ ରୂପେଶଙ୍କୁ ପ୍ରଶାସନ ସହଯୋଗ ବି କରିଛି। କେବଳ ରୂପେଶ ନୁହଁନ୍ତି ଅନେକ ମହିଳା ପ୍ରତିନିଧିଙ୍କ ସ୍ୱାମୀମାନେ ସର୍ବେସର୍ବା ସାଜୁଛନ୍ତି। ପଞ୍ଚାୟତ ସମିତି ବୈଠକରୁ ଆରମ୍ଭ କରି ନାନା ସରକାରୀ କାର୍ଯ୍ୟକ୍ରମରେ ମହିଳା ପ୍ରତିନିଧିଙ୍କର ସ୍ୱାମୀଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି। ଏହାକୁ ସରକାର ଓ ପ୍ରଶାସନିକ ଅଧିକାରୀମାନେ ଜାଣିଶୁଣି ପ୍ରୋତ୍ସାହନ ଦେଉଛନ୍ତି। ତେବେ ଘନିଷ୍ଠତାରୁ ଫାଇଦା ଉଠାଇବା ପାଇଁ ରୂପେଶ ସ୍ମିତାରାଣୀଙ୍କୁ ବ୍ୟବହାର କରିନାହାନ୍ତି ତ? ରୂପେଶଙ୍କ କଥାରେ ପ୍ରଭାବିତ ହୋଇ ସ୍ମିତା କିଛି ବେଆଇନ କାର୍ଯ୍ୟ କରିଛନ୍ତି କି? ଏସବୁ ଦିଗ ଉପରେ ତଦନ୍ତ କରିବା ଆବଶ୍ୟକ ବୋଲି କୁହାଯାଉଛି। ବିଗତ ଅଢେଇ ବର୍ଷରେ ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଓ କେତେକ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡିରହିଛି। ସେ ଦିଗରେ ତଦନ୍ତ କରାଗଲେ ସରକାରୀ ଅର୍ଥର ଠିକ୍ ବିନିଯୋଗ ହୋଇଛି କି ନାହିଁ ସତ୍ୟାସତ୍ୟ ପଦାକୁ ଆସିପାରନ୍ତା। ଏଥିସହ ବେଆଇନ କାର୍ଯ୍ୟ ପାଇଁ ସ୍ମିତାଙ୍କ ଉପରେ ଚାପ ପଡୁଥିଲା ବୋଲି ସ୍ୱାମୀ ସୁଶୀଲ କୁମାର ବିଶ୍ୱାଳ କରୁଥିବା ଅଭିଯୋଗ ଉପରୁ ପରଦା ହଟିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ସରକାରୀ ବ୍ୟବସ୍ଥାରେ ମହିଳାଙ୍କୁ ପୂର୍ଣ୍ଣ ସ୍ୱାଧିନତା ଦିଆଯିବା ସହିତ ସ୍ୱାମୀଙ୍କର ଅଯଥା ହସ୍ତକ୍ଷେପ ନ ରହୁ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ସ୍ମିତାଙ୍କ ଘଟଣାରୁ ପ୍ରଶାସିକ ଅଧିକାରୀ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଅଧିକାରିଣୀ ଓ ମହିଳା ପ୍ରତିନିଧିଙ୍କ ପାଇଁ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିଙ୍କୁ ଶିକ୍ଷାଲାଭ କରି ବ୍ୟବସ୍ଥାକୁ ସୁଧାରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୀୟ ମାୟା ଭାବରେ ଶରୀର ଧାରଣ କରନ୍ତି। ଅଧର୍ମ ପ୍ରବଳ ଓ ଧର୍ମ ହୀନବଳ ହୋଇ ଆସିଲେ ଧର୍ମର ରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।

- ବ୍ୟାସଦେବ



## ସଂକ୍ଷେପରେ

### ଶିକ୍ଷା ବିକାଶ ସମିତିର ପ୍ରଶିକ୍ଷାର୍ଥୀଙ୍କ ଶିବିର ଉଦ୍‌ଯାପିତ

**ଯାଜପୁର ରୋଡ,୨୧।୧୦(ନି.ପ୍ର.):** ସ୍ଥାନୀୟ ମଧୁସୂଦନନଗର ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷା ବିକାଶ ସମିତି ଓଡ଼ିଶା ଉତ୍ତର-ପୂର୍ବ ସମ୍ଭାଗ ସ୍ତରୀୟ ଶିଶୁବାଟିକା ପ୍ରମୁଖଙ୍କର ୩ ଦିନିଆ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୯୭ଟି ଶିଶୁମନ୍ଦିରର ପ୍ରଶିକ୍ଷାର୍ଥୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଉଦଯାପନୀ ଦିବସରେ ଉତ୍ତର-ପୂର୍ବ ସମ୍ଭାଗର ସଭାପତି ପ୍ରଫୁଲ୍ଲ କୁମାର ବୋଇତାଇ, ସଂଯୋଜକ ମଧୁସୂଦନ ବାରିକ୍, ଶିକ୍ଷାବିକାଶ ସମିତି ଓଡିଶା ସଂଗଠନର ସମ୍ପାଦକ ରମାକାନ୍ତ ମହାନ୍ତ, ପ୍ରଦୀପ କୁମାର ମଲ୍ଲିକ୍, କ୍ଷେତ୍ରମୋହନ ଦାସ, ବିଭୁତି ଭୂଷଣ ପାଇକରାୟ, ରାହାସ ବିହାରୀ ମହାପାତ୍ର, ରଶ୍ମିରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତଥିଲେ। ଏହି ଅବସରରେ ଶିଶୁମନ୍ଦିର ଗୁଡିକର ସୁପରିଚାଳନା, ଗୁଣାତ୍ମକ ଶିକ୍ଷା ପ୍ରଦାନ, ସାଂସ୍କୃତିକ ପରମ୍ପରା ଓ ଯୋଗ ଉପରେ ଶିଶୁମାନଙ୍କୁ ଶିକ୍ଷା ଦେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏଥିସହ ଶିଶୁମାନଙ୍କର ପ୍ରତିଭାକୁ ଲୋକଲୋଚନକୁ ଆଣିବା ଶିଶୁମନ୍ଦିରର ଶିକ୍ଷୟିତ୍ରୀଶିକ୍ଷକଙ୍କର ପ୍ରଧାନ ଦାୟିତ୍ୱ ବୋଲି କହିଥିଲେ।

### ଇଷ୍ଟକୋଷ୍ଟ ରେଲ୍‌ୱେ ଜୋନ୍‌ର ନୂତନ ଡିଭିଜନ ପାଇଁ ଦସ୍ତଖତ ଅଭିଯାନ

**ଯାଜପୁର ରୋଡ, ୨୧।୧୦(ନି.ପ୍ର.):** ଇଷ୍ଟକୋଷ୍ଟ ରେଲବାଇ ଜୋନର ଯାଜପୁର-କେନ୍ଦୁଝର ରୋଡ ରେଳ ଷ୍ଟେଶନର ବିକାଶ ସହ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ଥିବା ଯାଜପୁରରୋଡକୁ ଏକ ନୂତନ ଡିଭିଜନ ଭାବେ ଘୋଷଣା କରିବା ଦାବିରେ ଦସ୍ତଖତ ଅଭିଯାନ ଜାରି ରହିଛି। ଏ ନେଇ ରବିବାର ସ୍ଥାନୀୟ ହୋଟେଲ ରୟାଲ କଳିଙ୍ଗଠାରେ ସାମାଜିକ କର୍ମୀ ଦୁଷନ୍ତ କୁମାର ରାଉତଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା। ଏଥିରେ ବିଭିନ୍ନ ସଂଗଠନ, ରାଜନୈତିକ ଦଳର ନେତୃ ମଣ୍ଡଳୀ, ଶିକ୍ଷାବିତ୍, ସାମ୍ବାଦିକ, ଆଇନଜୀବୀ ପ୍ରମୁଖ ଏକ ଗଣସମ୍ମିଳନୀରେ ମିଳିତ ଭାବେ ଭାଗ ନେଇ ଯାଜପୁରୋଡରେ ରେଳ ଡିଭିଜନ ପ୍ରତିଷ୍ଠା ହେବାର ଯର୍ଥାତତା ଉପରେ ଆଲୋକପାତ କରିବା ସଂଗେ ସଂଗେ କେନ୍ଦ୍ର ସରକାର ଅବିଳମ୍ବେ ଏହି ଦାବୀ ପୂରଣ ଦିଗରେ ଯତ୍ନଶୀଳ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଦାବି କରିଥିଲେ। ପ୍ରଫୁଲ୍ଲ ନାୟକ, ଚନ୍ଦ୍ରମଣି ସାମଲ, ପ୍ରଫୁଲ୍ଲ କୁମାର ନାୟକ, କୋରାଇ ବିଧାୟକ ପ୍ରାର୍ଥୀ ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ଯାଜପୁରରୋଡରେ ଡିଭିଜନ ପ୍ରତିଷ୍ଠା ପାଇଁ ସମସ୍ତ ଭିତିଭୂମି ରହିଥିବା ଓ ଏହି ଦାବି କେନ୍ଦ୍ର ପାଖରେ ପଡିରହିଥିବାରୁ ଏହା ଉପରେ ବିଚାର କରିବାକୁ ଦାବି ଉଠାଇଥିଲେ। ସମୀର କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

### ସିଂହପୁରରେ କାଳୀପୂଜା ପାଇଁ ପ୍ରସ୍ତୁତି

**ସିଂହପୁର,୨୧।୧୦(ଡିଏନଏ):** ବିଂଝାରପୁର ବ୍ଲକର ସିଂହପୁର ବଜାର ବ୍ୟବସାୟୀ ସଂଘ ପକ୍ଷରୁ ୬୪ତମ ସିଂହପୁର କାଳୀପୂଜା ପାଇଁ ପ୍ରସ୍ତୁତି ଯୋରଦାର ଚାଲିଛି। ଆଗାମୀ ୨୭ ତାରିଖରୁ ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ ପୂଜା ଉତ୍ସବ ଚାଲିବାକୁ ସ୍ଥିର ହୋଇଛି। ପୂଜାକୁ ସରସ ସୁନ୍ଦର ତଥା ଶାନ୍ତିସୃଙ୍ଖଳାର ସହ ସମାପନ କରିବାକୁ ସଂଘ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ସୁଦୃଶ୍ୟ ତୋରଣ, ଚାକଚକ୍ୟ ଆଲୋକର ବ୍ୟବସ୍ଥା କରାଯାଉଛି। ପୂଜା ଉପଲକ୍ଷେ ସଂସ୍କୃତିକ କାର୍ଯ୍ୟକ୍ରମ ଓ ଅପେରା ପରିବେଷଣ କରାଯିବ ବୋଲି ସ୍ଥିର ହୋଇଛି।

## ସରକାରୀ ଯୋଜନାରେ ମିଳୁନି ପକ୍କାଘର

# ଭଙ୍ଗା ମାଟି ଘରେ ବିତୁଛି ଜୀବନ

**ରତ୍ନଗିରି,୨୧।୧୦(ଡି.ଏନ୍.ଏ.)**



ସରକାରୀ ଯୋଜନାରୁ ବଞ୍ଚିତ ହିତାଧିକାରୀ।

ଯାଜପୁର ଜିଲା ବରୀ ବ୍ଲକ ଧାରପୁର ପଞ୍ଚାୟତର ୧୧ ନଂ ୱାର୍ଡରେ ରହୁଥିବା ଅମୂଲ୍ୟ ମଲ୍ଲିକ ସରକାରୀ ଯୋଜନାରେ ଗୃହ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଦିନ ମଜୁରିଆ ହୋଇଥିବାରୁ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟକର ହେଉଥିବାବେଳେ ଘର କରିବା ସ୍ୱପ୍ନ ପାଲଟିଛି। ପକ୍କାଘରଟିଏ କରି ନ ପାରିବାରୁ ସ୍ତ୍ରୀ ଦୁଇ ଝିଅ ଓ ପୁଅଙ୍କୁ ଝାଟିମାଟି ଘରେ ରହୁଥିବା ଅମୂଲ୍ୟ କହିଛନ୍ତି। ସେ ସରକାରଙ୍କ ମୋକୁଡ଼ଆ, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ, ବିଜୁ ପକ୍କାଘର ଯୋଜନାରେ ଅଦ୍ୟାବଧି ସାମିଲ ହୋଇ ପାରି ନାହାନ୍ତି। ଏପରିକି ଫନୀ ବାତ୍ୟାରେ କୁଡିଆ ଘର ଭାଙ୍ଗି ଯାଇଥିଲେ ମଧ ସହାୟତା ପାଇପାରି ନାହାନ୍ତି। ଘରଭାଙ୍ଗିବା ବାବଦରେ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ବି ଖଣ୍ଡେ ପଲିଥିନ ମଧ ଯୋଗାଇ ଦିଆ ଯାଇ ନ ଥିବା ସେ କହିଛନ୍ତି। ନିଜର ବାସ ଗୃହ ନିର୍ମାଣ ପାଇଁ ଜିଲାପାଳଙ୍କ ଜନଶୁଣାଣି ଶିବିରଠାରୁ ଆରମ୍ଭ କରି ବରୀ ବ୍ଲକ ବିଡିଓଙ୍କୁ ମଧ ଅଭିଯୋଗ କରିଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୁଫଳ ପାଇପାରିନାହାନ୍ତି। ସରକାରୀ ଯୋଜନା କହିଲେ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ମାସକୁ ୨୫ କିଗ୍ରା ଚାଉଳ ପାଉଥିବା କହିଛନ୍ତି। ଏ ସମ୍ପର୍କରେ ବରୀ ବିଡିଓ ଶୁଭଶ୍ରୀ ତ୍ରିପାଠୀ ଙ୍କୁ ପଚାରିବାରୁ, ଅଭିଯୋଗ ମୁତାବକ ଯଦି ଉକ୍ତ ବ୍ୟକ୍ତିଙ୍କର ବାସଗୃହ ନ ଥାଏ ତାହେଲେ ସରକାରୀ ନିୟମ ଅନୁଯାୟୀ ଖୁବ୍‌ଶୀଘ୍ର ତାଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ଏଟିଏମ୍ ସେବା ପ୍ରଭାବିତ

**ଦଶରଥପୁର,୨୧।୧୦(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ ଅଧୀନ ମଙ୍ଗଳପୁର ବଜାର ବ୍ୟବସାୟର ପ୍ରାଣକେନ୍ଦ୍ର କୁହାଯାଇଥାଏ। ଏହି ବଜାର ଉପରେ ସ୍ଥାନୀୟ ଲୋକଙ୍କ ବ୍ୟତୀତ କେନ୍ଦ୍ରାପଡା ଓ ଭଦ୍ରକ ଜିଲାବାସୀ ମଧ ଦୈନିନ୍ଦିନ ଜୀବନଜାପନ ପାଇଁ ନିର୍ଭରଶୀଳ ରହିଥାନ୍ତି। ଏଠାରେ ହଜାରରୁ ଉର୍ଦ୍ଧ୍ୱ ଛୋଟବଡ ବ୍ୟବସାୟ ପ୍ରତିଷ୍ଠାନ ମଙ୍ଗଳପୁର ଥାନା, ସବ୍‌ରେଜିଷ୍ଟ୍ରାର ଅଫିସ୍, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ବିଭିନ୍ନ ବେସରକାରୀ ବିଦ୍ୟାଳୟ ଏବଂ ଶିକ୍ଷା ଅନୁଷ୍ଠାନ ରହିଛି। ସେହିପରି ଗ୍ରାମ୍ୟ ବ୍ୟାଙ୍କ, ପ୍ରାଥମିକ କୃଷି ସମବାୟ ସମିତି, ଦୈନିକ ହାଟ ଏବଂ ବିଭିନ୍ନ ବ୍ୟାଙ୍କର ୯ଟି ଏଟିଏମ୍ କାଉଣ୍ଟର ରହିଛି। ବ୍ଲକର ୩୫ ପଞ୍ଚାୟତରୁ ମଙ୍ଗଳପୁର ବଜାର ଉପରେ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ନିର୍ଭର କରୁଛନ୍ତି। ଦୈନନ୍ଦିନ ୨ ଲକ୍ଷରୁ ଉର୍ଦ୍ଧ୍ୱଲୋକେ ବଜାର ଉପରେ ନିର୍ଭର କରୁଥିବା ବେଳେ ଅଧିକାଂଶ ସମୟରେ ଏଟିଏମ୍ ଭଳି ଗୁରୁତ୍ୱପୂର୍ଣ୍ଣ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଏଠାରେ ରହିଥିବା ଏଟିଏମ୍‌ଗୁଡିକ ଲୋକମାନଙ୍କ ସଂଖ୍ୟା ଓ ଚାହିଦା ତୁଳନାରେ କମ୍ ହୋଇପଡୁଛି। ଅପରପକ୍ଷେ ୯ ଏଟିଏମ୍ ମଧ୍ୟରୁ ଗୋଟିଏ ଦୁଇଟି କାମ କରୁଛି। ବିଶେଷକରି ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ବଜାରର ପୃଥକ୍ ୩ ସ୍ଥାନରେ ଥିବା ଏଟିଏମ୍ କାଉଣ୍ଟରଗୁଡିକ ବହୁ ସମୟରେ ଅଚଳ ରହୁଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଜାରରେ ୟୁନିୟନ, ଆଲ୍ଲାହାବାଦ, ଏଚ୍‌ଡିଏଫ୍‌ସିର, ଆକ୍ସିସ୍ ବ୍ୟାଙ୍କର,ଆଇସିଆଇସିଆଇ ଓ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗୋଟିଏ ଲେଖା ଏଟିଏମ୍ ରହିଛି। ତେବେ ସୋମବାର ଏହି ବଜାରରେ କେବଳ ଏଚ୍‌ଡିଏଫ୍‌ସି ଏବଂ ଆକ୍ସିସ୍ ଏଟିଏମ୍‌କୁ ଛାଡିବାପରେ ବାକି ୭ ଟି ଏଟିଏମ୍ କାଉଣ୍ଟରରେ ତାଲା ଝୁଲୁଥିବା ଦେଖାଯାଇଛି। ଷ୍ଟେଟ୍ ବ୍ୟାଙ୍କ ମ୍ୟାନେଜର ଦିଲୀପ କୁମାର କୁରୁଆଙ୍କୁ ପଚାରିବାରୁ, ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଧିକାଂଶ ସମୟରେ ଏଟିଏମ୍ ସେବା ପ୍ରଭାବିତ ହେଉଥିବା କହିଛନ୍ତି।

## ପଲିଥିନ୍ ବ୍ୟବହାରରେ କରାଯାଇଛି କଟକଣା

# ବ୍ୟବସାୟୀଙ୍କ ଉପରେ ପଡୁନି ପ୍ରଭାବ

**ଦଶରଥପୁର, ୨୧।୧୦(ଡି.ଏନ୍.ଏ.)**

ଗାନ୍ଧୀ ଜୟନ୍ତୀଠାରୁ ପଲିଥିନ୍ ବ୍ୟବହାର ଉପରେ ସରକାର କଟକଣା ଜାରିକରିଛନ୍ତି। ହେଲେ ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ ମଙ୍ଗଳପୁର ଓ ଝୁମ୍ପୁରୀ ବଜାରରେ ବହୁ ବ୍ୟବସାୟୀ ଅବାଧରେ ପଲିଥିନ୍ ବ୍ୟବହାର କରୁଥିବା ଜଣାପଡିଛି। ସେହପରି ବ୍ଲକ ଅଞ୍ଚଳରେ ଦୈନନ୍ଦିନ ହଜାରହଜାର ବସ୍ତାର ପାଣିପାଉଚ ବିକ୍ରି କରାଯାଉଛି। ଏହାର ନିୟନ୍ତ୍ରଣ ଉପରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଶାସନୀକସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ଅଞ୍ଚଳରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହେଉ କିମ୍ବା ସରକାରୀ ଏବଂ ବେସରକାରୀ କାର୍ଯ୍ୟକ୍ରମ ସୁବିଧାରେ ପାଣିପାଉଚ୍ ନଚେତ୍ ଜରିରେ ତିଆରି ହେଉଥିବା ଗ୍ଲାସ ବ୍ୟବହାର କରାଯାଉଛି। ଯାହା ପରିବେଶକୁ ଦୂଷିତ କରୁଛି। ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ପଚାରିବାରୁ, ବେଆଇନଭାବେ କରାଯାଉଥିବା ପାଣି ପାଉଚ୍ କାରଖାନାଗୁଡିକ ଉପରେ ଖୁବ୍‌ଶୀଘ୍ର ବ୍ଲକ ସ୍ତରୀୟ କମିଟି ଗଠନ କରାଯଶଇ ଚଢାଉ ଜାରି କରାଯିବ। ପଲିଥିନ୍ ବ୍ୟବହାର ନେଇ ବଜାରରେ ସଚେତନତା କରାଯିବ ବୋଲି କହିଛନ୍ତି। ପଲିଥିନ୍‌ର ବହୁଳ ବ୍ୟବହାର ଉପରେ ନିୟନ୍ତ୍ରଣ କରିବାକୁହେଲେ ସରକାର ସରକାର ତୃଣମୂଳ ସ୍ତରରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣକଲେ ଏହାର ବ୍ୟବହାର ଉପରେ ରୋକ୍ ଲାଗିପାରିବ ବୋଲି ପରିବେଶ ବିତ୍ ଗୟାଧର ପରିଡା, ହରିହର ଶତପଥୀ, ବ୍ରହ୍ମାନନ୍ଦ ପଣ୍ଡା କହିଛନ୍ତି।

### ଧ୍ରୁବଚରଣ ହାଇସ୍କୁଲରେ ସୁରଭି କାର୍ଯ୍ୟକ୍ରମ

**ସିଂହପୁର,୨୧।୧୦(ଡିଏନଏ)**

ବିଞ୍ଝାରପୁର ବ୍ଲକ ଜରୀବାଙ୍କ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ସୁରଭି କାର୍ଯ୍ୟକ୍ରମ ଧ୍ରୁବଚରଣ ସାହୁ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଅକ୍ଷୟ ସାମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଏବିଇଓ ଅନ୍ନଦାପ୍ରସାଦ ରଣା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବିନାରାୟଣ ମହାନ୍ତି ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବାଙ୍ଗରା ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କଳାକର ପାତ୍ର, ଜରୀ ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ ମଲିକ, ପ୍ରଧାନ ଶିକ୍ଷକ ସତ୍ୟଭୂଷଣ ବାରିକ, ସିଆରସିସି ମନୋଜ ମହାଲିକ, ଶିକ୍ଷକ ରତ୍ନାକର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଶହୀଦ ଗୋପ ମହାନ୍ତିଙ୍କ ସ୍ମୃତି ଦିବସ

**କୋରେଇ,୨୧।୧୦(ସ୍ୱ.ପ୍ର.)**

୨୦୦୬ ଜାନୁୟାରୀ ୨ତାରିଖରେ କଳିଙ୍ଗନଗର ଗୁଳିକାଣ୍ଡରେ ଯାଜପୁର ଜିଲାର କୋରାଇ ଥାନା ଅନ୍ତର୍ଗତ ଧନେଶ୍ୱର ଗ୍ରାମର ଗୋପପ୍ରସାଦ ମହାନ୍ତି ଶହୀଦ ହୋଇଥିଲେ। ଏ ନେଇ ସୋମବାର ଶହୀଦ ଦିବସ ଅବସରରେ ଗ୍ରାମରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ କୋରାଇ ଥାନା ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ପରେ ଶହୀଦଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ସଭା ଧନେଶ୍ୱର ଗୌରାଙ୍ଗ ନୋଡାଲ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡିଏସ୍‌ପି ବିଜୟ କୁମାର ମଲ୍ଲିକ, ଥାନାଧିକାରୀ ରଣଜିତ୍ ମହାନ୍ତି, କାହ୍ନୁ ଚରଣ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ମୋହନ ଚରଣ ଖୁଣ୍ଟିଆ, ଅଧକ୍ଷ ସ୍ମୃତିରଞ୍ଜନ ରାୟ, ଅଧାପିକା ସରିତା ପୃଷ୍ଟି, ସନ୍ୟାଶି ବାରିକ, ସୁବାସ ଧଳ, ରାଜେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଶହୀଦଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଆଜିର ସମାଜରେ ପୋଲିସର ଭୂମିକା ଶୀର୍ଷକରେ ହୋଇଥିବା ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ତାରକେଶ୍ୱର ମହାନ୍ତି, ଭାଗବତ ମହାନ୍ତି, ମନୋଜ ମହାନ୍ତି, ପରେଶ ମହାନ୍ତିଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଗ୍ରାମବାସୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଉପସ୍ଥିତ ଥିଲେ। ଶେଷରେ ଆଲୋକ ମହାନ୍ତି ଧନ୍ୟବାଦ ଦେଇଥିଲେ।




ଶହୀଦ ସ୍ମୃତି ଦିବସରେ ଡିଏସ୍‌ପି, ଥାନା ଅଧିକାରୀ ଓ ଅନ୍ୟମାନେ।

# ବ୍ୟାସନଗର ପୌର କାର୍ଯ୍ୟାଳୟରେ ଜନଶୁଣାଣି

## ୫୮ ଅଭିଯୋଗରୁ ୫ ତତ୍କାଳୀନ ସମାଧାନ



ଜିଲାପାଳ ରଞ୍ଜନ କୁମାର ଦାଶ ଅଭିଯୋଗ ଶୁଣାଣି କରୁଛନ୍ତି।

**ଯାଜପୁର ରୋଡ,୨୧।୧୦(ନି.ପ୍ର.)**

ଯାଜପୁର ରୋଡ ବ୍ୟାସନଗର ପୌର କାର୍ଯ୍ୟାଳୟ ସଭାଗୃହରେ ସୋମବାର ଯାଜପୁର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧକ୍ଷତାରେ ଶୁଣାଣି ହୋଇଥିଲା। ଏଥିରେ ୫୮ ଅଭିଯୋଗରୁ ୫ଟି ତତ୍କାଳୀନ ସମାଧାନ କରାଯାଇଥିଲା। ଏଥିସହ ୫୬ଟି ବ୍ୟକ୍ତିଗତ, ସାମୁହିକ ଗୋଟିଏ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଜଣଙ୍କୁ ଅନୁଦାନ ପ୍ରଦାନ କରାଯାଇଥିବା ଜଣାପଡିଛି। ଯାଜପୁର ରୋଡ ଡାକ୍ତରଖାନାରେ ୨୪ ଘଣ୍ଟିଆ ରକ୍ତ ପରୀକ୍ଷା ସହ ବିଭିନ୍ନ ପରୀକ୍ଷା ମୂଳକ ସେବା ପ୍ରଦାନ, ରକ୍ତଭଣ୍ଡାରରେ କର୍ମଚାରୀ ନିଯୁକ୍ତି ସହ ୨୪ ଘଣ୍ଟା ଖୋଲାରଖିବା ପାଇଁ କ୍ଲବ୍ ଦି ୟୁଥ୍ ମାସ୍‌ର ସମ୍ପାଦକ ରାଜେଶ କୁମାର ରାଉତ ଅଭିଯୋଗ କରିଥିଲେ। ସାମାଜିକ କର୍ମୀ ଭ୍ରମରବର ରାଉତଙ୍କ ନେତୃତ୍ୱରେ ଏକ ମହିଳା ପ୍ରତିନିଧି ଖରସ୍ରୋତା ମୁଣ୍ଡମାଳ ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ଅଭିଯୋଗ କରିଥିଲେ। ଏହି ପ୍ରକଳ୍ପ ୨୦୧୧ରୁ ଆରମ୍ଭ ହୋଇ ୨୦୧୮ ସୁଦ୍ଧା ସମାପ୍ତ ହୋଇଥିଲେ ମଧ ସେଥିରୁ ସହରବାସୀ ସ୍ୱଚ୍ଛ ପାଣି ପାଇପାରୁ ନାହାନ୍ତି। ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ରାଉତଙ୍କ ସହ ତୃପ୍ତିଲତା ଦାସ, ଦିପ୍ତିମୟୀ ନାୟକ, ଉଷାମଣି କହିଛନ୍ତି। କୁଷ୍ଠ କଲୋନୀରେ ବାସ କରୁଥିବା ଲୋକମାନଙ୍କୁ ପଟ୍ଟା ଦେବାପାଇଁ ଅଭିଯୋଗ ମଧ ହୋଇଥିଲା । ଏହି ଜନଶୁଣାଣିରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରା, ପୌର ପରିଷଦର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା, ପୂର୍ତ୍ତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ ଓ ବହୁ ବିଭାଗର ପଦଧୀକାରୀ ଯୋଗଦେଇଥିଲେ। ତେବେ ଭାଜପା ପକ୍ଷରୁ ପୌର ପରିଷଦ କାର୍ଯ୍ୟାଳୟରେ ପିକେଟିଂ କରାଯିବା ଫଳରେ ବହୁ ଅଭିଯୋଗକାରୀ ଫେରିଯାଇଥିବା ଜଣାପଡିଛି।

### ମଙ୍ଗଳପୁର ପ୍ୟାକ୍ସର ପୂର୍ବତନ ସମ୍ପାଦକଙ୍କ ପରଲୋକ

**ଦଶରଥପୁର,୨୧।୧୦(ଡି.ଏନ୍.ଏ)**

ଦଶରଥପୁର ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ମଙ୍ଗଳପୁର ଗ୍ରାମର ପରିକ୍ଷୀତ ନନ୍ଦଙ୍କର ସୋମବାର ପରଲୋକ ଘଟିଛି। ସେ ୨ ଥର ମଙ୍ଗଳପୁର ପ୍ରାଥମିକ ସମବାୟ ସମିତି (ପ୍ୟାକ୍ସ)ର ସମ୍ପାଦକ ହୋଇଥିଲେ। କିଛିମାସ ପୂର୍ବରୁ ବିଞ୍ଝାରପୁର ବ୍ଲକ କଟକ ସମବାୟ ବ୍ୟାଙ୍କର ଲେଜର କ୍ଲର୍କଭାବେ କାର୍ଯ୍ୟ କରୁଥିଲେ। କିଛି ଦିନ ପୂର୍ବରୁ ଶାରୀରିକ ଅସୁସ୍ଥତା ଯୋଗୁ ଚିକିତ୍ସିତ ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପରଲୋକ ହୋଇଛି। ତାଙ୍କ ପରଲୋକ ଖବର ପାଇ ମଲ୍ଲିକାପୁର ସମବାୟ ସମିତିର ସଭାପତି ଚିନ୍ତାମଣି ପାଣି, ପାଲଟପୁର ସମବାୟ ସମିତିର ସମ୍ପାଦକ ରଞ୍ଜନ ପତ୍ରୀ, ମଙ୍ଗଳପୁର ସମବାୟ ସମିତିର ପୂର୍ବତନ ସଭାପତି ଅଧର ଧଳ ଏବଂ ଦଶରଥପୁର ବ୍ଲକ ଉପାଧକ୍ଷ ରଞ୍ଜନ ପୃଷ୍ଟି, ସରପଞ୍ଚ ଆନନ୍ଦ ଚନ୍ଦ୍ର ବାରିକ୍, ପ୍ରମୋଦ ପଣ୍ଡା,ଭରତ ମଲ୍ଲିକ୍, ସୌଭାଗ୍ୟ ରଞ୍ଜନ ପୃଷ୍ଟି, ପ୍ରତାପ ଦାସ, ବେଦ ପ୍ରକାଶ ପୋଥାଳ, ହିମାଂଶୁ ଶେଖର ନାୟକ, ରବି ପୃଷ୍ଟି, ବିଶ୍ୱଭୂଷଣ ବିଶ୍ୱାଳ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା

**ଧର୍ମଶାଳା,୨୧।୧୦(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅଚ୍ୟୁତପୁରସ୍ଥିତ ଦାମୋଦର ନୋଡ଼ାଲ ବିଦ୍ୟାପୀଠରେ ପ୍ରଜ୍ଞାନ ମିଶନ ପକ୍ଷରୁ ସୋମବାର ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟର ୯୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶିକ୍ଷାବିତ୍ ପ୍ରଶାନ୍ତ କୁମାର ସ୍ୱାଇଁ, ପଣ୍ଡିତ ବ୍ରଜକିଶୋର ଦାଶ, ଚିତ୍ତରଞ୍ଜନ ମିଶ୍ର, ସୁଜାତା ମହାପାତ୍ର, ରବି ନାରାୟଣ ପାଣିଗ୍ରାହୀ, ଆଲୋକ ପଣ୍ଡା, ପ୍ରଧାନଶିକ୍ଷକ ଜଗନ୍ନାଥ ପଣ୍ଡା, ବିଜୟ କୁମାର ନାୟକ, ପ୍ରାଣକୃଷ୍ଣ ବାରିକ ଓ ମନୋଜ କୁମାର ରଣା ବିଚାରକ ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାର ବିଭିନ୍ନ ପର୍ଯ୍ୟାୟରେ ପ୍ରତ୍ୟୁଷା ପ୍ରିୟଦର୍ଶିନୀ, ଅଦ୍ୟାଶା ପାତ୍ର, ଇତିକ୍ରିଷ୍ଣା ପଣ୍ଡା, ସ୍ୱର୍ଣ୍ଣଲକ୍ଷ୍ମୀ ନାୟକ, ସିପ୍ରା ଶୁଭଲକ୍ଷ୍ମୀ, ସୂର୍ଯ୍ୟପ୍ରକାଶ ମିଶ୍ର, ଆକାଂକ୍ଷା ବିଶ୍ୱାଳ, ରୁଦ୍ର ନାରାୟଣ ଦାସ, ଇତିସ୍ମିତା ବେହେରା, ଅର୍ପିତା ସାହୁ, ମନିଷା ସାହୁ, ସସ୍ମିତା କୁଣ୍ଡୁ, ଇତିଶ୍ରୀ ରାଉତ, ପୃଥ୍ୱୀରାଜ ପ୍ରଧାନ ଓ ପ୍ରିତିପର୍ଣ୍ଣା ରାଉତ କୃତୀତ୍ୱ ହାସଲ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବାଣୀବଲ୍ଲରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଧର୍ମଶାଳା ବିଇଓ ମୁଖ୍ୟଅତିଥି ଓ ସ୍ୱାମୀ ବ୍ରହ୍ମ ଜ୍ଞାନାନନ୍ଦ ଗିରି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଗୀତାଗ୍ରନ୍ଥ ପ୍ରଦାନ କରାଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ ତନୁଜା ଦାଶ, ନବଘନ ଜେନା, କଳିଙ୍ଗ କେଶରୀ ମିଶ୍ର, ପୁରାତନ ଛାତ୍ର ମିହିରକାନ୍ତ ରାଉତ, ସରୋଜ ସାହୁ, ଦେବବ୍ରତ ନାୟକ, ବିଭୁ ପ୍ରସାଦ ମହାରଣା, ପ୍ରତାପ କୁମାର ସେଠୀ, ଜ୍ୟୋତି ରଞ୍ଜନ ପଣ୍ଡା, ବିଶ୍ୱଜିତ୍ ଲେଙ୍କା, ସବ୍ୟସାଚୀ ଦାସ, ବଳରାମ ସିଂହ, ରାଜେନ୍ଦ୍ର ନାୟକ ଓ ପୁରାତନ ଛାତ୍ରୀ ଶର୍ମିଷ୍ଠା ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବି ସସ୍ମିତା ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଶିକ୍ଷକ ଶ୍ରୀକାନ୍ତ ନନ୍ଦ ଧନ୍ୟବାଦ ଦେଇଥିଲେ।

# ଅଧକ୍ଷା, ଉପାଧକ୍ଷଙ୍କ କାର୍ଯ୍ୟକଳାପକୁ ବିରୋଧ

**କଳିଙ୍ଗନଗର,୨୧।୧୦ (ଡି.ଏନ୍.ଏ.)**



ବୈଠକରେ ଯୋଗଦେଇଥିବା ସରପଞ୍ଚ ଓ ସମିତି ସଭ୍ୟା/ସଭ୍ୟ।

ଦାନଗଦୀ ବ୍ଲକ ଅଧକ୍ଷା ଏବଂ ଉପାଧକ୍ଷଙ୍କ କାର୍ଯ୍ୟକଳାପକୁ ବିରୋଧ କରି ସୋମବାର ୩୦ରୁ ଉର୍ଦ୍ଧ୍ୱ ସରପଞ୍ଚ, ସମିତିସଭ୍ୟାସଭ୍ୟ ସ୍ଥାନୀୟ ଏକ କମ୍ପାନୀ ଗେଷ୍ଟହାଉସ୍ ଏକ ବୈଠକ କରିଥିବା ଜଣାପଡିଛି। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ମୋହରରେ ଅଧକ୍ଷା ଓ ଉପାଧକ୍ଷା ଉଭୟ ବିଜୟଲାଭ କରିଥିଲେ। ପରେ ବିଧାୟକଙ୍କ ସହଯୋଗରେ ଲୋପାମୁଦ୍ରା ନାୟକ ଏବଂ ସୁଧାଂଶୁ ଭଞ୍ଜ ଅଧକ୍ଷା ଓ ଉପାଧକ୍ଷା ଭାବେ ନିର୍ବାଚିତ ହୋଇ ବ୍ଲକ କାର୍ଯ୍ୟ ତୁଲାଇ ଥିଲେ। ବ୍ଲକରେ ଡିଏମ୍‌ଏଫ ଫଣ୍ଡ, ଟେଣ୍ଡର ଫିକ୍ସିଂ ଓ ପିସି କାରବାର ଘଟଣାରେ ବିଧାୟକ ହସ୍ତକ୍ଷେପ କରିବାରୁ ଚଳିତ ବିଧାନସଭା ନିର୍ବାଚନ ସମୟରେ ଉଭୟ ଅଧକ୍ଷା ଓ ଉପାଧକ୍ଷ ଭାଜପାରେ ସାମିଲ ହୋଇଥିଲେ। ଏପରିକି ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ବିଜୟ ପରେ ମଧ ସେମାନେ ନୈତିକତା ଦୃଷ୍ଟିରୁ ଇସ୍ତଫା ନ ଦେଇ ଦାୟିତ୍ୱରେ ରହିଛନ୍ତି। ଫଳରେ ବିଜେଡିର ନିର୍ବାଚିତ ପ୍ରତିନିଧିଙ୍କୁ ଉନ୍ନୟନ କାର୍ଯ୍ୟରେ ଅସହଯୋଗ କରୁଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ନିର୍ବାଚିତ ବିଜେଡି ପ୍ରତିନିଧିମାନେ ବୁଧବାର ଅନାସ୍ଥା ପ୍ରସ୍ତାବ ନେଇ ବିଧାୟକଙ୍କୁ ଭେଟିବେ ବୋଲି କହିଛନ୍ତି।

# ଜିଲା ପୋଲିସର ୬୦ତମ ଶହୀଦ ଦିବସ

**କୋରେଇ, ୨୧।୧୦(ସ୍ୱ.ପ୍ର.)**



ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂହ ମୀନା ଅଭିବାଦନ ଗ୍ରହଣ କରୁଛନ୍ତି।

ପାଣିକୋଇଲିସ୍ଥିତ ଯାଜପୁର ଜିଲା ପୋଲିସ ରିର୍ଜଭ ପଡିଆରେ ସୋମବାର ୬୦ତମ ଶହୀଦ ସ୍ମୃତି ଦିବସ ପାଳିତ ହୋଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂହ ମୀନା କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିବା ପରେ ଦେଶର ଶହୀଦଙ୍କ ନାମ ଘୋଷଣା କରିବା ସହ ସେମାନଙ୍କ ପରିବାର ପ୍ରତି ଆରକ୍ଷୀ ଅଧୀକ୍ଷକ ମୀନା ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜନସାଧାରଣଙ୍କ ଧନଜୀବର ସୁରକ୍ଷା ପାଇଁ ପୋଲିସ ବାହିନୀ ନିଜ ଜୀବନକୁ ଜଳାଞ୍ଜଳି ଦେଇ ନିଜ କର୍ତ୍ତବ୍ୟ କରିବାକୁ ଅଙ୍ଗୀକାର ବଦ୍ଧ, ତେଣୁ ଆମ୍ଭେ ଶହୀଦମାନଙ୍କଠାରୁ ପ୍ରେରଣା ପାଇବା ଦରକାର ବୋଲି କହିଥିଲେ। ଏହାପରେ ଶହୀଦ ସ୍ମୃତି ସ୍ତମ୍ଭରେ ଜିଲା ପୋଲିସ ଅଧିକାରୀ, କର୍ମଚାରୀ, ବରିଷ୍ଠ ନାଗରିକ, ଖବରଦାତା ଓ ବୁଦ୍ଧିଜୀବୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ରିଜର୍ଭ ଇନ୍ସପେକ୍ଟର କାହ୍ନୁ ଚରଣ ମାରାଣ୍ଡି ପରେଡ ପରିଚାଳନା କରିଥିଲେ। ଜିଲାପାଳ ରଞ୍ଜନ କୁମାର ଦାସ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଏଏସ୍‌ପି ଅକ୍ଷୟ କୁମାର ଦାସ, ଜୟୀରାମ ଶତପଥୀ, ଡିଏସ୍‌ପି ବିଜୟ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ଦାସ, ସସ୍ମିତା ଦାସ, ଅଚ୍ୟୁତାନନ୍ଦ ଦାଶ, କନଷ୍ଟେବଲ ହାବିଲଦାର ସଙ୍ଘ ସଭାପତି ତାରାକାନ୍ତ ବିଶ୍ୱାଳ ଓ କର୍ମକର୍ତ୍ତାଙ୍କ ସମେତ ଜିଲା ପୋଲିସ ମୁଖ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।



ସମସ୍ତଙ୍କ ଭିତରେ ତୁମେ ନିଜକୁ ଚିହ୍ନ। ଭଗବାନଙ୍କୁ ଭଲ ପାଅ। ଭଗବାନଙ୍କ ଗୁଣ କୀର୍ତ୍ତନ କର। ଯାହାର ବୋଝ ବୋହିପାରିବାର ସାମର୍ଥ୍ୟ ଅଛି, ସେ ହିଁ କେବଳ ବୋଝ ବୋହିପାରିବ।

- ଗୁରୁ ନାନକ



## ସଂକ୍ଷେପରେ

### କାର୍ଯ୍ୟରେ ଯୋଗଦେଲେ ଉପଜିଲାପାଳ

**ନୟାଗଡ଼ ଅଫିସ,୨୧।୧୦:** ନୟାଗଡ଼ ଉପଜିଲାପାଳ ଭାବେ ଲଗ୍ନଜିତ ରାଉତ ସୋମବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ଅବସରରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ମୋ ସରକାର କାର୍ଯ୍ୟକ୍ରମକୁ ଗୁରୁତର ସହିତ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। କାର୍ଯ୍ୟରେ ଯୋଗଦେବା ପରେ ନୂଆଗାଁରେ ହୋଇଥିବା ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରକୁ ସେ ଯାଇଥିଲେ। ଲଗ୍ନଜିତ୍ ପୂର୍ବରୁ ଜଗତ୍‌ସିଂହପୁର ଓ ଜିଲାର ରଣପୁର ବ୍ଲକରେ ବିଡ଼ିଓ ଭାବେ କାର୍ଯ୍ୟ କରିଥିଲେ।

### ବାଇକ ଦୁର୍ଘଟଣାରେ ବୃଦ୍ଧ ଗୁରୁତର

**ଖଣ୍ଡପଡ଼ା,୨୧।୧୦(ସ୍ୱ.ପ୍ର.)-** ଖଣ୍ଡପଡ଼ା ବ୍ଲକ ଅଧୀନ ବାହାଡା-ଭୀମପଡ଼ା ରାସ୍ତାର ବାଇଗୁଣିଆ ଗ୍ରାମ ତାରିଣୀ ଛକ ନିକଟରେ ସୋମବାର ଅପରାହ୍ନ ୪ଟାରେ ଏକ ବାଇକ ଦୁର୍ଘଟଣାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ବାଇଗୁଣିଆ ଗ୍ରାମ ବଡସାହିର ମାଗି ବେହେରା(୬୬) । ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ବୃଦ୍ଧ ବ୍ୟକ୍ତି ଜଣକ ରାସ୍ତା ପାର ହେଉଥିବା ବେଳେ ବାଘୁଆପଲ୍ଲୀରୁ ବାହାଡା ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ ବାଇକ ତାଙ୍କୁ ଧକ୍କା ଦେବାରୁ ସେ ରାସ୍ତା କଡକୁ ଛିଟିକି ପଡିଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ । ଦୁର୍ଘଟଣାରେ ବାଇକ ଚାଳକ ମଧ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି ।

### ନାବାଳିକା ଅପହରଣ ମାମଲାରେ ଯୁବକ ଗିରଫ

**ଓଡ଼ଗାଁ,୨୧।୧୦(ସ୍ୱ.ପ୍ର.):** ନାବାଳିକା ଅପହରଣ ମାମଲାରେ ଓଡ଼ଗାଁ ପୋଲିସ ସ୍ଥାନୀୟ ବିଜୟମଣ୍ଡପ ସାହିର ରାଜା ଜେନା(୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ ସ୍ଥାନୀୟ ଅଞ୍ଚଳର ଏକ ଘରୋଇ କଲେଜରେ ଯୁକ୍ତ ୨ରେ ପଢୁଥିବା ନାବାଳିକା(୧୬)ଙ୍କୁ ରାଜା ପ୍ରଲୋଭନ ଦେଖାଇ ଫେବୃୟାରୀ ୨୬ ତାରିଖରେ ଅପହରଣ କରିନେଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ରାଜା ହିଁ ତାଙ୍କ ଝିଅକୁ ଅପହରଣ କରିନେଇଥିବା ନେଇ ଥାନାରେ ମାର୍ଚ୍ଚ ୫ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୩୫/୧୯ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ରବିବାର ପୋଲିସ କୌଣସି ସୂତ୍ରରୁ ଖବର ପାଇ ରାଜାଙ୍କୁ ତାଙ୍କ ଘରୁ ଗିରଫ କରିଥିବା ବେଳେ ନାବାଳିକାଙ୍କୁ ଉଦ୍ଧାର କରିଥିଲା । ଉଭୟଙ୍କ ଡାକ୍ତରୀ ପରୀକ୍ଷା ସହିତ ନାବାଳିକାଙ୍କୁ ନୟାଗଡସ୍ଥିତ ସ୍ୱତନ୍ତ୍ର ଅଦାଲତରେ ହାଜର କରାଯାଇଥିଲା। ଅଦାଲତଙ୍କ ନିର୍ଦ୍ଦେଶରେ ନାବାଳିକାଙ୍କୁ ତାଙ୍କ ମା'ଙ୍କୁ ହସ୍ତାନ୍ତର କରାଯାଇଛି। ରାଜାଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଦର୍ଶ ଥାନା ଆଇଆଇସି ମମତା ପତି ସୂଚନା ଦେଇଛନ୍ତି ।

# ଘଡୁଆଳ ଗ୍ରାମରେ ଗୟଳ ଆତଙ୍କ

- ଆକ୍ରମଣରେ ୩ ଜଣ ଆହତ
- କାବୁ କରିବା ପାଇଁ ବନ ବିଭାଗର ଉଦ୍ୟମ

**ନୟାଗଡ଼ ଅଫିସ, ୨୧।୧୦**

ନୟାଗଡ଼ ସହର ଉପକଣ୍ଠ ଘଡୁଆଳ ଗ୍ରାମରେ ସୋମବାର ସକାଳେ ଗୟଳ ଆତଙ୍କ ଦେଖିବାକୁ ମିଳିଥିଲା । ଗୟଳଟି ଏଣେତେଣେ ଦୌଡି ଆକ୍ରମଣ କରିବାରୁ ଗ୍ରାମର ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସମ୍ବାରି ବରାଡ଼, ବାବୁଲା ପାଳ ଓ ଶରତ ପଣ୍ଡା। ଆହତମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ସୋମବାର ଭୋର ସମୟରେ ସମ୍ବାରି ଶୌଚ ହେବା ପାଇଁ ବାହାରକୁ ଯାଇଥିବା ବେଳେ ଏକ ଗୟଳକୁ ଦେଖିଥିଲେ। ଭୟରେ ସେ ଦୌଡୁଥିବା ବେଳେ ଗୟଳଟି ତାଙ୍କୁ ଆକ୍ରମଣ କରି ଗ୍ରାମ ମଧ୍ୟକୁ ପଶି ଯାଇଥିଲା। ସେହି ସମୟରେ ଗ୍ରାମରେ ବୁଲୁଥିବା ବାବୁଲା ଗୟଳ ଆକ୍ରମଣର ଶିକାର ହୋଇଥିଲେ।



ଗୟଳ ଆକ୍ରମଣ କରୁଥିବା ଦୃଶ୍ୟ।



ଆକ୍ରମଣରେ ଆହତ ଜଣେ ବ୍ୟକ୍ତି।

ଏହା ପରେ ଗୟଳଟି ବିଲରେ ଯାଇ ଛପି ରହିଥିଲା। ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ବନ ବିଭାଗକୁ ଖବର ଦେବା ସହିତ ଗୟଳ ଦେଖିବାକୁ ଭିଡ଼ ଜମାଇଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଏହାକୁ ଘଉଡାଇବା ପାଇଁ ଟେକାପଥର ଆଦି ମାଡ଼ କରିଥିଲେ। ଫଳରେ ଗୟଳଟି ଅଧିକ ହିଂସ୍ର ହୋଇଉଠି ଶରତଙ୍କୁ ଆକ୍ରମଣ କରିଥିଲା। ଫଳରେ ଶରତ ସେଠାରେ ପଡ଼ିଯାଇଥିଲେ। ପରେ ଗୟଳଟି ମଶାଣି ପଟେ ବିଲ ମଧ ଦେଇ ବାଲିକୁଦିଆ ଗ୍ରାମଆଡ଼କୁ ପଳାଇ ଯାଇଥିଲା। ବନ ବିଭାଗ କର୍ମଚାରୀ ଏହାକୁ ଧରିବାକୁ ବାଲିକୁଦିଆ ଗ୍ରାମ ପର୍ଯ୍ୟନ୍ତ ଯାଇଥିଲେ ମଧ ସଫଳ ହୋଇପାରି ନାହାନ୍ତି। ଗୟଳଟି ଚମ୍ପିପୁର ନଦୀ କଡ଼ରେ ଥିବା ବୁଦାମୂଳରେ ଛପି ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ଧରିବା ପାଇଁ ଚେଷ୍ଟା କରାଯାଉଥିବା ନୟାଗଡ଼ ରେଞ୍ଜର ସୁଶାନ୍ତ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ଅନ୍ୟପଟେ ଗୟଳକୁ ଧରାଯାଇ ନ ଥିବାରୁ ଆଖପାଖ ୫ଖଣ୍ଡ ଗ୍ରାମବାସୀ ଭୟଭୀତ ହୋଇ ରହିଛନ୍ତି। ନିକଟସ୍ଥ ରୁଖି କିମ୍ବା ବଳରାମ ପାହାଡ଼ରୁ ଗୟଳଟି ଚାଲିଆସିଥିବା କୁହାଯାଉଛି।

# ଲୋକଙ୍କ ସମସ୍ୟା ବୁଝିବାକୁ ୯ କି.ମି. ଚାଲିଲେ ବିଡିଓ

**ଦଶପଲ୍ଲା,୨୧।୧୦(ଡି.ଏନ.ଏ.)**



ଜଙ୍ଗଲ ମଧ୍ୟରେ ଚାଲୁଛନ୍ତି ବିଡ଼ିଓ ଓ ଅନ୍ୟମାନେ।

ରାଜ୍ୟ ସରକାର ଚଳିତମାସ ୨ ତାରିଖରୁ ମୋ ସରକାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ୫-ଟି ଆଧାରରେ ରାଜନେତାଠାରୁ ଆରମ୍ଭ କରି ଉଚ୍ଚ ପଦାଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ କାର୍ଯ୍ୟ କରୁଛନ୍ତି। ଲୋକଙ୍କ ନିକଟତର ହୋଇ ସେମାନଙ୍କ ସୁବିଧାଅସୁବିଧା ବୁଝିବା ଉଦ୍ଦେଶ୍ୟରେ ଏହି ପ୍ରୟାସ ଆରମ୍ଭ ହୋଇଛି। ଏହି କ୍ରମରେ ସୋମବାର ନୟାଗଡ଼ ଜିଲା ଦଶପଲ୍ଲା ବିଡିଓ ଦେବୀ ପ୍ରସାଦ ମହାନ୍ତି ଲୋକଙ୍କ ସମସ୍ୟା ବୁଝିବା ପାଇଁ ବଣଜଙ୍ଗଲ ମଧ୍ୟରେ ୯କି.ମି. ଚାଲିଥିଲେ। ତାଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଆଦିବାସୀ ଅଧ୍ୟୁଷିତ ଟାକେରା ପଞ୍ଚାୟତର ପାନାବାରୀ ଓ ତାବେରା ଗ୍ରାମକୁ ଚାଲି ଚାଲି ଯାଇଥିଲେ। ସକାଳ ୮ଟା ୪୦ରେ ସେମାନେ ବାହାରି ପୂର୍ବାହ୍ନ ୧୧ଟାରେ ଉକ୍ତ ସ୍ଥାନରେ ପହଞ୍ଚିଥିଲେ। ବିଡିଓ ଉକ୍ତ ୨ଗୋଟି ଗ୍ରାମର ବାସିନ୍ଦାଙ୍କୁ ଏକତ୍ରିତ କରି ଏକ ସଭା କରିଥିଲେ। ସଭାରେ ଲୋକମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ତୁରନ୍ତ ଏହାର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗମନାଗମନ ପାଇଁ ରାସ୍ତାଟିଏ ନ ଥିବାରୁ ସେଥିପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ବ୍ୟୟ ଅଟକଳ ମଞ୍ଜୁର କରାଇବାକୁ ବିଡିଓ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅଧିକାରୀମାନେ ସେଠାରୁ ୫ଟାରେ ବାହାରି ସନ୍ଧ୍ୟା ୭ଟାରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଡିଓଙ୍କର ଏହି ପଦକ୍ଷେପକୁ ସବୁ ମହଲରେ ପ୍ରଶଂସା କରାଯାଇଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷୀ ମୃତ

## ବାର୍‌ହା ଶିକାର ପାଇଁ ବିଛାଯାଇଥିଲା ତାର

**ନୟାଗଡ଼ ଅଫିସ, ୨୧।୧୦**

ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସୋମବାର ନୟାଗଡ଼ ଜିଲାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତ ବରକୋଳି ଗ୍ରାମର ଘନଶ୍ୟାମ ଖଟୁଆ (୪୫)। ପ୍ରକାଶ ଯେ, ଗତ କିଛିଦିନ ହେବ ଖଣ୍ଡପଡ଼ା ଅଞ୍ଚଳରେ ବାର୍‌ହା ଉପଦ୍ରବ ଲାଗିରହିଛି। ଧାନ ଓ ପନିପରିବା ଫସଲ ଖାଇବା ପାଇଁ ବାର୍‌ହା ପଲ ସନ୍ଧ୍ୟା ପରେ କ୍ଷେତକୁ ଆସୁଛନ୍ତି। ଏହାକୁ ସୁଯୋଗ ମନେକରି ଶିକାରୀମାନେ ସକ୍ରିୟ ହୋଇଉଠିଛନ୍ତି। ସେମାନେ ବିଦ୍ୟୁତ୍ ତାର ସାହାଯ୍ୟରେ ବାର୍‌ହା ଶିକାର କରୁଛନ୍ତି। ଘନଶ୍ୟାମଙ୍କ ପରିବାର ସୂତ୍ରରୁ ପ୍ରକାଶ ଯେ, ସେ ସକାଳେ ଚାଷକାମ ପାଇଁ ବିଲକୁ ଯାଉଥିବା ବେଳେ ବାଟରେ ପଡୁଥିବା ଏକ ଜଙ୍ଗଲ ମଧ୍ୟରେ ବିଛାଯାଇଥିବା ବିଦ୍ୟୁତ ତା'ର ସଂସ୍ପର୍ଶରେ ଆସି ଟଳିପଡ଼ିଥିଲେ। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଏହାଦେଖି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଖଣ୍ଡପଡ଼ା ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ସୂଚନା ମିଳିଛି।

# ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ କରି ୨ ଗିରଫ

**ଓଡ଼ଗାଁ,୨୧।୧୦(ସ୍ୱ.ପ୍ର.)**

ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ ସହ ତାଙ୍କ ବାପାଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଏହି ଥାନା ରୋହିବାଙ୍କ ଗ୍ରାମର ମେଘା ବେହେରା(୩୫) ଓ ନିର ପ୍ରଧାନ(୩୧)। ସୂଚନା ଅନୁସାରେ ଶନିବାର ରାତି ପ୍ରାୟ ୮ଟାରେ ସେହି ଗ୍ରାମର କୈଳାଶ ସାହୁଙ୍କ ଝିଅ ଟ୍ୟୁଶନ୍‌ରୁ ଫେରୁଥିବା ବେଳେ ମେଘା ଓ ନିର ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଝିଅକୁ ଅପେକ୍ଷା କରିଥିବା କୈଳାସ ଏହାକୁ ବିରୋଧ କରିବାରୁ ଉଭୟେ ତାଙ୍କୁ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲେ । ଏ ନେଇ କୈଳାସ ରବିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୮୯/୧୯ରେ ଏକ ମକଦ୍ଦମା ରୁଜୁ କରିଥିଲା । କୋର୍ଟରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଆଇଆଇସି ମମତା ପତି ସୂଚନା ଦେଇଛନ୍ତି।

# ୬୦ ତମ ପୋଲିସ ଶହୀଦ୍ ଦିବସ



ଶହୀଦ୍ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

**ନୟାଗଡ଼ ଅଫିସ, ୨୧।୧୦**

ନୟାଗଡ଼ ଜିଲା ପୋଲିସ ପକ୍ଷରୁ ସୋମବାର ପିଟିଏସ୍ ପଡ଼ିଆଠାରେ ୬୦ତମ ପୋଲିସ ଶହୀଦ୍ ଦିବସ ପାଳିତ ହୋଇଯାଇଛି। ଭାରତ ଓ ଚାଇନା ମଧ୍ୟରେ ହୋଇଥିବା ଯୁଦ୍ଧରେ ଶହୀଦ୍ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବା ସହ ୨୦୦୮ରେ ନୟାଗଡ଼ରେ ହୋଇଥିବା ମାଓବାଦୀ ଆକ୍ରମଣରେ ଶହୀଦ୍ ୮ ପୋଲିସ କର୍ମଚାରୀଙ୍କ ସ୍ମୃତିଚାରଣ କରାଯାଇଥିଲା। ସେମାନଙ୍କୁ ଶହୀଦ୍ ସଲାମ ଦିଆଯିବା ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀ ପିଟିଏସ୍ ପଡ଼ିଆରେ ଥିବା ଶହୀଦ୍ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଦିଲୀପ ସାହାଣୀ, ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି, ସଦର ଥାନା ଅଧିକାରୀ ଅନ୍ନପୂର୍ଣ୍ଣା ବେହେରା, ଇଟାମାଟି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ସମେତ ସମସ୍ତ ପୋଲିସ ଅଧିକାରୀ ଯୋଗଦେଇ ଶହୀଦ୍‌ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# କମ୍‌ସଂଖ୍ୟକ ଉପସ୍ଥାନ ଯୋଗୁ ୨ ସ୍କୁଲ ବନ୍ଦ

**ଗଣିଆ,୨୧।୧୦(ଡି.ଏନ.ଏ.)**

ନୟାଗଡ଼ ଜିଲା ଗଣିଆ ବ୍ଲକରେ କମ୍‌ସଂଖ୍ୟକ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଯୋଗୁ ୨ଟି ସ୍କୁଲ ସୋମବାରଠାରୁ ବନ୍ଦ କରାଯାଇଥିବା ଦେଖିବାକୁ ମିଳିଛି । ବନ୍ଦ ହୋଇଥିବା ୨ଟି ପ୍ରାଥମିକ ବିଦ୍ୟାଳୟ ହେଉଛି ଛାମୁଣ୍ଡିଆ ପଞ୍ଚାୟତର କାଣିପୋଖରୀ ପ୍ରାଥମିକ ବିଦ୍ୟାଳୟ ଓ ବଡସିଲିଙ୍ଗା ପଞ୍ଚାୟତର ପୁରୁଣାପାଣି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ।

ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ଶିକ୍ଷା ବର୍ଷରେ କାଣିପୋଖରୀ ପ୍ରାଥମିକ ବିଦ୍ୟାଳୟରେ ୯ଜଣ ଓ ପୁରୁଣାପାଣି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୧୦ଜଣ ଛାତ୍ରୀଛାତ୍ର ପାଠ ପଢୁଥିଲେ । ସରକାରଙ୍କ ଶିକ୍ଷା ବିଭାଗର ନିୟମାନୁଯାୟୀ ୧୦ କିମ୍ବା ୧୦ରୁ କମ୍ ସଂଖ୍ୟକ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟଗୁଡିକ ବନ୍ଦ କରାଯାଇ ନିକଟସ୍ଥ ସ୍କୁଲଗୁଡିକରେ ସାମିଲ କରାଯିବ । ଫଳରେ ଏହି ୨ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ନିକଟସ୍ଥ ବିଦ୍ୟାଳୟରେ ସାମିଲ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପୁରୁଣାପାଣି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଗୋଛାବାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହ ଓ କାଣିପୋଖରୀ ପ୍ରାଥମିକ ବିଦ୍ୟାଳୟ ଛାମୁଣ୍ଡିଆ କେ.ବି. ନୋଡାଲ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହ ସାମିଲ ହୋଇଥିବା ଜଣାପଡିଛି । ବନ୍ଦ ହୋଇଥିବା ସ୍କୁଲଗୁଡିକ ଠାରୁ ସାମିଲ ହୋଇଥିବା ବିଦ୍ୟାଳୟର ଦୂରତା ୧କିଲୋମିଟରରୁ ଅଧିକ ହୋଇଥିଲେ ସଂପୃକ୍ତ ଛାତ୍ରୀଛାତ୍ରଙ୍କୁ ଯାତାୟାତ ବାବଦକୁ ବାର୍ଷିକ ୬ହଜାର ଟଙ୍କା ସରକାରଙ୍କ ତରଫରୁ ପ୍ରଦାନ କରାଯାଉଛି ବୋଲି କହିଥିଲେ । ତେବେ ଗତ ୨୦୧୭ – ୧୮ ଶିକ୍ଷା ବର୍ଷରେ କମ୍ ସଂଖ୍ୟକ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଯୋଗୁ ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର କୁତୁରୀ, ବଡମୂଳ, ବଡଶିଲିଙ୍ଗା ପଞ୍ଚାୟତର ବୁରିଆପାଙ୍କୁ, ସେକେଟାପଲ୍ଲୀ, ସେନେପେରୀ ଓ ଆଡକଟା ପଞ୍ଚାୟତର ତାମରଖୋଲା ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯାଇଛି ।



ସୋମବାର ବନ୍ଦଥିବା ପୁରୁଣାପାଣି ବିଦ୍ୟାଳୟ ।

# ଆବାସ ଯୋଜନାରୁ ବଞ୍ଚିତ ଆଦିବାସୀ ଜିଲାପାଳଙ୍କୁ ଫେରାଦ

**ଭାପୁର, ୨୧।୧୦(ଡି.ଏନ୍.ଏ.)**

ତାଲିକାରେ ନାମ ଥାଇ ମଧ ଭାପୁର ବ୍ଲକର ବହୁ ଆଦିବାସୀ ପରିବାର ସରକାରଙ୍କ ଆବାସ ଯୋଜନାରୁ ବାଦ୍ ପଡ଼ି ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଏହାର ନକଲ ପଞ୍ଚାୟତିରାଜ ମନ୍ତ୍ରୀ ଓଡ଼ିଶାଙ୍କୁ ମଧ ପଠାଇଛନ୍ତି। ବିଶେଷ କରି କଇଁଫୁଲିଆ ଓ ରାକମା ଗ୍ରାମପଞ୍ଚାୟତର ଶବର ସମ୍ପ୍ରଦାୟର ଲୋକମାନେ ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ନେଇ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ଅଭିଯୋଗ ଅନୁଯାୟୀ, ସେମାନେ ଝାଟିମାଟି ଘରେ ରହୁଥିବାବେଳେ ମୂଲ ଲାଗି ପରିବାର ପ୍ରତିପୋଷଣ କରିଥାନ୍ତି। ମାତ୍ର ସରକାରଙ୍କ ଆଦିବାସୀ ଚିହ୍ନଟ ପ୍ରଣାଳୀ ଭୁଲ୍ ଯୋଗୁ ସେମାନେ ଶବର ଜାତିର ହୋଇ ମଧ ଆଦିବାସୀ ତାଲିକାରେ ସାମିଲ ହୋଇପାରିନାହାନ୍ତି। ଏଥିପାଇଁ ସେମାନେ ସରକାରଙ୍କ ଅନେକ ଜନକଲ୍ୟାଣକାରୀ ଯୋଜନାରୁ ବାଦ୍ ପଡୁଛନ୍ତି। ଏ ବିଷୟରେ ସେମାନେ ପୂର୍ବରୁ ଜିଲାପାଳଙ୍କୁ ଗୁହାରି କରିଥିଲେ। ତତ୍‌କାଳୀନ ଜିଲାପାଳ ବ୍ଲକ ଉନ୍ନୟନ କମିଟି ବୈଠକରେ ମାନବିକତା ଦୃଷ୍ଟିକୋଣରୁ ଆବାସ ଗୃହ ବଣ୍ଟନ ସମୟରେ ଏହି ବର୍ଗର ଲୋକମାନଙ୍କୁ ସାମିଲ କରିବା ପାଇଁ ବ୍ଲକ ପ୍ରଶାସନକୁ କହିଥିଲେ। ଭାପୁର ବ୍ଲକର କେତେକ ପଞ୍ଚାୟତରେ ମଧ ଏହି ବର୍ଗର ଲୋକମାନଙ୍କୁ ଆବାସ ଗୃହ ମିଳିଥିବାବେଳେ ସେମାନଙ୍କୁ କାହିଁକି ବାଦ୍ ଦିଆଗଲା ସେ ନେଇ ସେମାନେ ପ୍ରଶ୍ନ କରିଛନ୍ତି।

# ଜନପ୍ରତିନିଧିଙ୍କ ଆକ୍ରମଣରେ ଯୁବକ ଆହତ

**ନୟାଗଡ଼ ଅଫିସ, ୨୧।୧୦**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗାତେରୀ ପଞ୍ଚାୟତର ଜନପ୍ରତିନିଧିଙ୍କ ଆକ୍ରମଣରେ ଜଣେ ଯୁବକ ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ପଞ୍ଚାୟତ ଆଡ଼ିପଡ଼ା ଗ୍ରାମର ବିରଞ୍ଚି ସାହୁ। ବିରଞ୍ଚିଙ୍କ ସ୍ତ୍ରୀ ଟିକିନା ସାହୁ ଏ ନେଇ ନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ରବିବାର ରାତି ୯ଟା ୩୦ରେ ବିରଞ୍ଚି ବାଇକ୍‌ରେ ଟ୍ରାକ୍ଟର ପାଇଁ ଡିଜେଲ ନେଇ ଘରକୁ ଫେରୁଥିବା ବେଳେ ଚଣ୍ଡିଝରୀ ଗ୍ରାମ ନିକଟରେ ଜନପ୍ରତିନିଧି ଓ ତାଙ୍କର ଦୁଇ ସହଯୋଗୀ ଅଟକାଇଥିଲେ। ଏହା ପରେ ସେମାନେ ତାଙ୍କ ସହ ଗଣ୍ଡଗୋଳ କରିବା ସହିତ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ ବିରଞ୍ଚିଙ୍କ ମୁଣ୍ଡ ଫାଟି ରକ୍ତାକ୍ତ ଅବସ୍ଥାରେ ପଡ଼ିରହିଥିଲେ। ପରିବାର ଲୋକେ ଖବର ପାଇ ତାଙ୍କୁ ଉଦ୍ଧାର କରି ପ୍ରଥମେ ମହିପୁର ମେଡ଼ିକାଲକୁ ଆଣିଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ଟିକିନାଙ୍କ ଅଭିଯୋଗ ଅନୁସାରେ ଉକ୍ତ ଜନପ୍ରତିନିଧି ଜଣକ ଗତ ସରପଞ୍ଚ ନିର୍ବାଚନ ସମୟରେ ତାଙ୍କ ସ୍ୱାମୀଙ୍କଠାରୁ ଦେଢ଼ଲକ୍ଷ ଟଙ୍କା ଧାର ନେଇଥିଲେ। ବିରଞ୍ଚି ଉକ୍ତ ଟଙ୍କା ମାଗିଲେ ଜନ ପ୍ରତିନିଧି ଜଣକ ଟଙ୍କା ଦେବା ବଦଳରେ ଧମକ ଦେଉଥିଲେ। ରବିବାର ରାଗ ରଖି ଜନ ପ୍ରତିନିଧି ଓ ତାଙ୍କର ସହଯୋଗୀମାନେ ଏହି ଆକ୍ରମଣ କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଥାନାରେ ୮୪/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ନୂଆଗାଁ ଥାନା ଅଧିକାରୀ ମନୋରମା ମଲ୍ଲିକ ପ୍ରକାଶ କରିଛନ୍ତି।



ଆହତ ବିରଞ୍ଚି ସାହୁ।

# ଭିଡିଓ ସୋସିଆଲ ମିଡିଆରେ ଛାଡ଼ିବାରୁ ମାଡ଼ ଖାଇଲେ ଯୁବକ

## ଅଙ୍ଗନୱାଡି କେନ୍ଦ୍ରରେ ଅବ୍ୟବସ୍ଥା

**ରଣପୁର, ୨୧।୧୦(ସ୍ୱ.ପ୍ର.)**

ରଣପୁର ବ୍ଲକ ଡମସାହି ଅଙ୍ଗନୱାଡି କେନ୍ଦ୍ରର ଅବ୍ୟବସ୍ଥା ଓ ଅନିୟମିତତା ନେଇ ଜଣେ ଯୁବକ ମୋବାଇଲରେ ଭିଡିଓ ରେକର୍ଡିଂ କରି ସୋସିଆଲ ମିଡିଆରେ ଛାଡି ଦେଇଥିଲେ। ଫଳରେ ସମ୍ପୃକ୍ତ ଯୁବକଙ୍କୁ ଅଙ୍ଗନୱାଡି କେନ୍ଦ୍ରର ଜଣେ କର୍ମୀଙ୍କ ସ୍ୱାମୀ ଓ ଅନ୍ୟଜଣେ ମିଳିତ ଭାବେ ମାରପିଟ୍ କରିଛନ୍ତି। ଏ ନେଇ ଭିଡିଓ ରେକର୍ଡିଂ କରିଥିବା ଯୁବକ ଚନ୍ଦ୍ରକାନ୍ତ ଦଳବେହେରା ରଣପୁର ଥାନାର ଦର୍ପନାରାୟଣପୁର ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

ଅଭିଯୋଗ ଅନୁସାରେ ଡମସାହିରେ ଗୋଟିଏ ଅଙ୍ଗନୱାଡି କେନ୍ଦ୍ରରେ ୩ଟି କେନ୍ଦ୍ର ଚାଲୁଛି । ଶନିବାର ୩ଟି କେନ୍ଦ୍ରରେ ପ୍ରାୟ ୨୦ ଶିଶୁଙ୍କୁ ଦେଖିବାକୁ ମିଳିଥିଲା । ଶିଶୁମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିଲା । ସେଦିନ ପିଲାମାନଙ୍କ ପାଖରେ ଜଣେ ମାତ୍ର କର୍ମୀ ଉପସ୍ଥିତ ଥିଲେ । ପରେ ଜଣେ କର୍ମୀ ବିଳମ୍ବରେ ଆସିଥିଲେ । ପୁଣି କେନ୍ଦ୍ରରେ ବିଦ୍ୟୁତ୍ ନ ଥିଲା । ଏଭଳି ଅବ୍ୟବସ୍ଥା ନେଇ ଚନ୍ଦ୍ରକାନ୍ତ ଭିଡିଓ ରେକର୍ଡିଂ କରି ସୋସିଆଲ ମିଡିଆରେ ଛାଡି ଦେଇଥିଲେ । ରବିବାର ଏହି ଘଟଣାରେ ଚନ୍ଦ୍ରକାନ୍ତଙ୍କୁ ମାଡ ଖାଇବାକୁ ପଡିଥିଲା।

# ଶିବିରରେ ୧୯୪ ଅଭିଯୋଗ ପଞ୍ଜୀକୃତ

## ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

**ନୂଆଗାଁ, ୨୧।୧୦(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହ ମଧ୍ୟରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ନୂଆଗାଁ ବ୍ଲକରେ ଆବାସ ଗୃହ ବଣ୍ଟନ, ରାଶନ କାର୍ଡ, ଏମ୍‌ଜିଏନ୍‌ଆର୍‌ଇଜିଏସ ଆଦି କାର୍ଯ୍ୟରେ ଅନିୟମିତତା ହୋଇଥିବା ବେଳେ ସେଗୁଡିକ କିଭଳି ଜିଲାପାଳଙ୍କ ଦୃଷ୍ଟିକୁ ନ ଆସିବ ସେଥିପାଇଁ ଦୋଷ ଦୁର୍ବଳତାକୁ ଲୁଚାଇବା ସକାଶେ ବ୍ଲକ ପ୍ରଶାସନ ତରଫରୁ ଅନେକ ପ୍ରଚେଷ୍ଟା କରାଯାଇଥିବା ଅଭିଯୋଗ ହେଉଛି। ଏପରିକି ନୂଆଗାଁର ୨୨ ଗୋଟି ପଞ୍ଚାୟତର ଲୋକମାନେ ମଧ୍ୟ ଜନ ଶୁଣାଣି ହେଉଥିବା ନେଇ ଅବଗତ ନ ଥିବା ଯୋଗୁ ଅନେକ ଅଭିଯୋଗକାରୀ ଆସି ନ ପାରି ଅସନ୍ତୋଷ ପ୍ରକାଶ କରିଛନ୍ତି । ଜିଲାପାଳଙ୍କ ଜନ ଶୁଣାଣିର ଦିନ ଧାର୍ଯ୍ୟ ବହୁ ଆଗରୁ ହୋଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ତରଫରୁ ତାହାକୁ ଗୋପନୀୟ ରଖାଯାଇଥିଲା । ଏପରିକି ଏ ବିଷୟରେ କୌଣସି ଗଣ ମାଧ୍ୟମର ପ୍ରତିନିଧିଙ୍କୁ ଜଣାଗଲା ନାହିଁ, ଯାହାକି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।

ଜନଶୁଣାଣି ଶିବିରକୁ ଗଣମାଧ୍ୟମର ପ୍ରତିନିଧିମାନେ ଯିବା ଦ୍ୱାରା ବ୍ଲକରେ ରହିଥିବା ଦୋଷ ଦୁର୍ବଳତା ଲୋକଲୋଚନକୁ ଚାଲି ଆସୁଛି। ତେଣୁ ବିଡିଓ ଏହାକୁ ବିରୋଧ କରି ଆସୁଥିଲେ । ଗତଥର ଅନୁଷ୍ଠିତ ଶିବିରରେ ଗଣମାଧ୍ୟମ ପ୍ରତିନିଧିମାନେ ଲୋକଙ୍କୁ ଭଲମନ୍ଦ ବିଷୟରେ ପଚାରି ବୁଝୁଥିବାବେଳେ ବିଡିଓ ବିରୋଧ କରିବା ସହ ଏଠାକୁ ଆସି କାହିଁକି ଖବର ସଂଗ୍ରହ କରୁଛ ବୋଲି ପ୍ରତିନିଧିମାନଙ୍କୁ ପ୍ରଶ୍ନ କରିଥିଲେ । ତେଣୁ ସୋମବାର ଜନ ଶୁଣାଣି ଶିବିର ବାବଦରେ ଗଣମାଧ୍ୟମକୁ ସୂଚନା ଦିଆଯାଇ ନ ଥିଲା । ଅଭିଯୋଗକାରୀ ଜିଲାପାଳଙ୍କୁ ଅଭିଯୋଗ କରିବା ପୂର୍ବରୁ ବ୍ଲକ କର୍ମଚାରୀମାନେ ସେମାନଙ୍କ ଅଭିଯୋଗ ପତ୍ରକୁ ନେଇ ସଂପୃକ୍ତ ବିଭାଗର ବ୍ଲକ କର୍ମଚାରୀଙ୍କୁ ଦେଇଦେଉଥିଲେ । ଆବାସ ଯୋଜନାର ଅଭିଯୋଗଗୁଡିକ ଜିଲାପାଳଙ୍କ ନିକଟକୁ ନ ଯିବା ପାଇଁ ଅଲଗା କୋଠରିରେ କିଛି ବ୍ଲକ କର୍ମଚାରୀ ବସି ଅଭିଯୋଗ ପତ୍ର ରଖୁଥିବା ଦେଖିବାକୁ ମିଳିଥିଲା । ଆବାସ ଯୋଜନାରେ ଟଙ୍କା କାରବାର ହେଉଥିବା ନେଇ ଗୁମି ପଞ୍ଚାୟତର କିଛି ହିତାଧିକାରୀ ଜିଲାପାଳଙ୍କୁ ଅଭିଯୋଗ କରିବା ପାଇଁ ଆସିଥିବା ବେଳେ ସେମାନଙ୍କୁ ସୁଯୋଗ ଦିଆଯାଇ ନ ଥିଲା । ସେହିପରି ପ୍ରଚାର ପ୍ରସାର ଅଭାବରୁ ବହୁ ସଂଖ୍ୟାର ଲୋକେ ମଧ୍ୟ ଶିବିରକୁ ଆସି ପାରି ନଥିବା ଅଭିଯୋଗ ହେଉଛି । ଏହି ଶିବିରରେ ୧୯୪ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୮୪ ଗୋଟି ବ୍ୟକ୍ତିଗତ ଓ ୧୦ ଗୋଟି ସାମୂହିକ ବୋଲି ଜଣାପଡିଛି। ଜାକେଡା ପଞ୍ଚାୟତର ତିନି ଜଣ ହିତାଧିକାରୀଙ୍କୁ ଶାରୀରିକ ଅକ୍ଷମ ପ୍ରମାଣ ପତ୍ର ଓ ସାତ ଶହ ଟଙ୍କା ଭତ୍ତା ପ୍ରଦାନ କରିବା ସହ ସେମାନଙ୍କୁ ଟ୍ରାଇ ସାଇକେଲ ଦେବା ପାଇଁ ଜିଲାପାଳ ଡ. ପୋମା ଟୁଡୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ଶଶିଭୂଷଣ ଶତପଥୀ, ସିଡିଏମଓ ଶ୍ୱେତ ମହାପାତ୍ର, ପିଡି ସୁବାସଚନ୍ଦ୍ର ରାୟଙ୍କ ସମେତ ଅନ୍ୟ ଜିଲା ଅଧିକାରୀ ଓ ନୂଆଗାଁ ବ୍ଲକ ଅଧିକାରୀମାନେ ଉପସ୍ଥିତ ଥିଲେ । ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଶିବିର ବିଷୟରେ ନ ଜଣାଇବା ସମ୍ପର୍କରେ ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲଙ୍କୁ ପଚାରିବାରେ ସେ କହିଥିଲେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କ'ଣ ପାଇଁ କୁହାଯାଇ ନାହିଁ ସେ ସମ୍ପର୍କରେ ମୁଁ ଦାୟିତ୍ୱରେ ଥିବା ବ୍ଲକ କର୍ମଚାରୀଙ୍କୁ ପଚାରି ବୁଝିବି।



ଜିଲାପାଳ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କୁ ପ୍ରମାଣ ପତ୍ର ଓ ଭତ୍ତା ଦେଉଛନ୍ତି।